ସକାଳ THE SAKALA



www.sakalaepaper.com

# ଅସ୍ତିତ୍ୱ ଖୋଜୁଛି ଟାଉନ ବାଳକ ପ୍ରାଥମିକ ବିଦ୍ୟାଳୟ







**ଦୁଇଟି ଭଙ୍ଗା ଦଦରା ଘରେ ପିଲା ପଢୁଛନ୍ତି**

**ପାଣି ଗଳିବାରୁ ବାରଣ୍ଡା ପାଲଟିଛି ସାହା**

**ପୁନରୁଦ୍ଧାର ନେଇ ହାତ ଟେକିଦେଲେ ବିଇଓ**

**ଆଠମଲ୍ଲିକ, ୨୯।୬(ସମିସ):** ୧୫୭ ବର୍ଷର ଇତିହାସ ନିଜ କାନ୍ଧରେ ବୋହି ଏବେ ବି ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ ହୋଇ ରହିଥିବା ସର୍ବ ପୁରାତନ ସରକାରୀ ଟାଉନ ବାଳକ ପ୍ରାଥମିକ ବିଦ୍ୟାଳୟ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସାହା ଖୋଜୁଛି। ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧୦ ନମ୍ବର ୱାର୍ଡର ବଡ଼ଦାଣ୍ଡ ସାହିରେ ରାଜାଙ୍କ ଦ୍ୱାରା ନିର୍ମିତ ଏହି ସ୍କୁଲରେ କେତେ ଯେ ଛାତ୍ର ଅଧ୍ୟୟନ କରି ଜନ୍ମମାଟି, ରାଜ୍ୟ ଓ ଭାରତ ମାତାର ସେବା କରି ସ୍କୁଲ ନାଁର ଟେକ ରଖିଥିବା ବେଳେ ଏବେ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହିଛି। କୌଣସି ଆକ୍ଷରିକ ପ୍ରମାଣ ପତ୍ର ମିଳି ନଥିଲେ ମଧ୍ୟ ରାଜବଂଶର ବଂଶଜ ଓ ବହୁ ପୂର୍ବତନ ପ୍ରଶାସନିକ ଅଧିକାରୀ ଏହି ସ୍କୁଲରେ ପାଠପଢି ଥିବାର ଲୋକ କଥାରୁ ଶୁଣାଯାଏ। ଏହି ସ୍କୁଲରେ ବର୍ତ୍ତମାନ ୪୦ ଛାତ୍ର, ଦୁଇଟି ଭଙ୍ଗା ଦଦରା ପାଣି ଗଳୁଥିବା ଘରେ ପାଠ ପଢୁଥିବା ଦେଖାଯାଉଛି। ପୁରୁଣା କାନ୍ଥ ଫାଟି ଆଁ କରିବା ସହିତ କାଠ କଡ଼ିଗୁଡିକ ଭାଙ୍ଗିରୁଜି ବିପଦସଂକୁଳ ଅବସ୍ଥାରେ ରହିଛି। ଆଜିର ଶିଶୁ କାଲିର ଭବିଷ୍ୟତ ନାରା ଦେଉଥିବା ପ୍ରଶାସନିକ ଅଧିକାରୀଙ୍କଠୁ ଧରି ରାଜନେତା ପର୍ଯ୍ୟନ୍ତ ଏହି ସ୍କୁଲ ପ୍ରତି ଦୃଷ୍ଟି ନ ପଡିବା ସମସ୍ତଙ୍କୁ ବ୍ୟଥିତ କରିଛି। ଏହି ସ୍କୁଲଟି କୌଣସି ଉପାନ୍ତ ଅଞ୍ଚଳରେ ଅବସ୍ଥିତ ନଥିବା ବେଳେ ଖୋଦ ଆଠମଲ୍ଲିକ ସହରର କେନ୍ଦ୍ରସ୍ଥଳ କୁହାଯାଉଥିବା ଗହଳିପୂର୍ଣ୍ଣ ଡାକ୍ତରଖାନା ନିକଟରେ ଅବସ୍ଥିତ। ସମୁଦାୟ ଚାରୋଟି ଘର ମଧ୍ୟରୁ ଗୋଟିଏ ଘର ରୋଷେଇ ଘର ଭାବରେ ବ୍ୟବହୃତ ହେଉଥିବା ବେଳେ ପୁରୁଣା ଭଙ୍ଗା ଦଦରା ଆଜବେଷ୍ଟସ ଘରେ ଚାଳିଶ ଛାତ୍ର ପାଠ ପଢୁଛନ୍ତି। ବର୍ଷା ହେଲେ ପାଣି ଗଳୁଥିବାରୁ ଛାତ୍ରମାନଙ୍କୁ ବାରଣ୍ଡାରେ ବସାଇ ପାଠ ପଢ଼ାଯାଉଥିବା ଦେଖାଯାଉଛି। ଦୁଇଜଣ ଶିକ୍ଷୟିତ୍ରୀ ଚାଳିଶ ଜଣ ଛାତ୍ରଙ୍କୁ ପାଠ ପଢ଼ାଉଥିବା ଜଣା ପଡିଛି। ସ୍କୁଲ ପରିସରରେ ଆଉ ଏକ ଛାତଘର ଥିଲେ ମଧ୍ୟ ଛାତରୁ ଚେକା ଉଠି ପାଣି ଗଳୁଥିବାରୁ ସ୍କୁଲର ଆସବାବ ପତ୍ର ଓ ମଧ୍ୟାହ୍ନଭୋଜନର ସାମଗ୍ରୀକୁ ସୁରକ୍ଷିତ ଭାବେ ରଖିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଜରି ପାଲ କିଣି ଘୋଡ଼େଇ ରଖିଥିବା ଦେଖାଯାଇଥିଲା। ପୂର୍ବରୁ ଏ ସ୍କୁଲ ବାବଦରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ଜଣାପଡିଛି। ସେହିପରି ଆଜବେଷ୍ଟସ ଘର ଉପରେ ବିରାଟକାୟ ବୃକ୍ଷ ରହିଥିବାରୁ ଯେ କୌଣସି ମୁହୂର୍ତ୍ତରେ ଭାଙ୍ଗି ଅଘଟଣ ଘଟିବାର ଆଶଙ୍କା ରହିଛି। ଏ ବାବଦରେ ସ୍କୁଲ କର୍ତ୍ତୃପକ୍ଷ ଗଛ କାଟିବା ପାଇଁ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଗଛ ଭାଙ୍ଗି ଅଘଟଣ ଘଟିଲେ କିଏ ଦାୟୀ ରହିବ ବୋଲି ଅଭିଭାବକ ମହଲ ଚିନ୍ତାରେ ଅଛନ୍ତି। ସ୍କୁଲର ଗୋଟିଏ ପାର୍ଶ୍ୱ ମେଲା ଅବସ୍ଥାରେ ଥିବା ବେଳେ ପାଚେରି ଦିଆ ନଯାଇ ତାର ବାଡ଼ ଦିଆଯାଇଛି। ଏ ବାବଦରେ ଅତିରିକ୍ତ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ରାଉତଙ୍କୁ ପଚାରିବାରୁ ସ୍କୁଲର ଅସୁବିଧା ବାବଦରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ। ସ୍କୁଲର ଅସୁବିଧା ବାବଦରେ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢୀଙ୍କୁ ଯୋଗାଯୋଗ କରିବାରୁ ଆମ ହାତରେ କିଛି ନାହିଁ, ବ୍ଲକ କିମ୍ବା ଏନଏସି ଏହାର ପୁନରୁଦ୍ଧାର କରିବାକୁ ଆମେ ଜଣେଇଦେଉଛୁ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

## ମାସେ ହେଲା ଅନ୍ଧାରରେ ବଙ୍କାପଡ଼ା ଗ୍ରାମବାସୀ



**ଆଠମଲ୍ଲିକ, ୨୯।୬(ସମିସ):** ଗତ ଜୁନ ୨୮ ତାରିଖରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ବହୁ କ୍ଷୟକ୍ଷତି ହୋଇଛି। ଆଠମଲ୍ଲିକ ବ୍ଲକ ଅଏଡ଼ା ଗ୍ରାମପଞ୍ଚାୟତ ବଙ୍କାପଡ଼ା ଗ୍ରାମକୁ ଯାଇଥିବା ବିଦ୍ୟୁତ ତାର ଛିଡ଼ି ବିଦ୍ୟୁତ ସରବରାହ ବନ୍ଦ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ବିଦ୍ୟୁତ କାର୍ଯ୍ୟାଳୟକୁ ଦୌଡ଼ି ଅଭିଯୋଗ କରୁଥିଲେ ମଧ୍ୟ ବିଦ୍ୟୁତ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ଅସହ୍ୟ ଗୁଳୁଗୁଳି ହେଉଥିବାରୁ ଗ୍ରାମବାସୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ମାସେ ହେଲା ବିଦ୍ୟୁତ ସଂଯୋଗ ନଥିବାରୁ ଛାତ୍ର ଛାତ୍ରୀ ପାଠ ମଧ୍ୟ ପଢିପାରୁ ନଥିବା ଅଭିଯୋଗ ହୋଇଛି। ବୟସ୍କ ଲୋକ ଶୋଇ ନପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବିଦ୍ୟୁତ ବିଭାଗ ଅତିଶୀଘ୍ର ଗ୍ରାମକୁ ବିଦ୍ୟୁତ ତାର ଟାଣି ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

● ବିଧାୟକଙ୍କ ସମୀକ୍ଷା ବୈଠକ

## ମା'ଙ୍କ ନାମରେ ବୃକ୍ଷଟିଏ କାର୍ଯ୍ୟକ୍ରମ



**ବଣ୍ଟଁରପାଳ, ୨୯।୬(ସମିସ) :** ବଣ୍ଟଁରପାଳ ବ୍ଲକ୍ ପରିସରରେ ମା'ଙ୍କ ନାମରେ ବୃକ୍ଷଟିଏ' କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ, ବଣ୍ଟଁରପାଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଧବ ପାଣିଗ୍ରାହୀ, ବ୍ଲକ ଅଧୀନସ୍ଥ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ପ୍ରାଣୀ ଚିକିତ୍ସକ ଅଧିକାରୀ, ଦମକଳ ବାହିନୀ ଅଧିକାରୀଙ୍କ ସହ ସମସ୍ତ ବିଭାଗର ପ୍ରଶାସନ ଅଧିକାରୀ ଉପସ୍ଥିତ ରହି ବୈଠକ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ, ସମିତି ସଭ୍ୟ, ଦଳ କର୍ମକର୍ତ୍ତା, ମିସନ ଶକ୍ତି ମହିଳାମାନେ ଉପସ୍ଥିତି ରହି ବୃକ୍ଷରୋପଣ କରିବା ସହ ପରିବେଶ ସ୍ୱଚ୍ଛ ଓ ସୁସ୍ଥ ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ସୁଭଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାଣି ପ୍ରତ୍ୟେକ ଘରକୁ କିପରି ପହଞ୍ଚି ପାରିବ, ସେ ବିଷୟରେ ଆଲୋଚନା କରିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ନିଜ ମଧ୍ୟରେ ସମନ୍ୱୟ ରଖି ଲୋକଙ୍କ ପାଇଁ କାର୍ଯ୍ୟକରିବା ଓ ବିଜେପି ସରକାର ସମୟରେ ଜନସାଧାରଣ ଙ୍କ ପାଇଁ ଫଣ୍ଡ କେବେ କମ୍ ହେବନାହିଁ ବୋଲି ବିଧାୟକ ଆହ୍ୱାନ ଦେଇଥିଲେ। ବ୍ଲକ୍ ମାଧ୍ୟମରେ ପଞ୍ଚାୟତକୁ ଅନୁଦାନ କେତେ ରହିଛି, ଜୁନ ୪ ପରେ କାର୍ଯ୍ୟାଦେଶରେ କେତେ ଅନୁଦାନ ପ୍ରଦାନ କରାଯାଇଛି, ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟାଦେଶ କିପରି ଅନୁପ୍ରାଣିତ ହୋଇଛି, ବର୍ଷାଦିନ ପାଇଁ ସମସ୍ତ ପଞ୍ଚାୟତସ୍ତରୀୟ ଅଧିକାରୀ ଏକଜୁଟ ହୋଇ କାର୍ଯ୍ୟକରିବା ପାଇଁ ଆହ୍ୱାନ ଦେବା ସହିତ ସମସ୍ତ ଆଲୋଚନାର ସୂଚନା ଦେବାପାଇଁ ମତବ୍ୟକ୍ତ କରିଥିଲେ।

## ଜୁଲାଇ ୧ରୁ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

**ଅନୁଗୋଳ, ୨୯।୬(ସମିସ):** ଅନୁଗୋଳ ଜିଲ୍ଲାପାଳ ମହମ୍ମଦ ଅଦଲ୍ ଅଖତର ଆସନ୍ତା ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସ ପାଇଁ ମିଳିତ ଜନଶୁଣାଣି କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲ୍ଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ଡ.ଉମାଶଙ୍କର ଦାଶଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେବେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜୁଲାଇ ମାସ ୧ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ କିଶୋରନଗର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ୮ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ, ୧୫ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ, ୨୨ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ବଣ୍ଟଁରପାଳ ବ୍ଲକ କାର୍ଯ୍ୟାଳୟ, ୨୯ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ତାଳଚେର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ସେହିପରି ଅଗଷ୍ଟ ମାସ ୫ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ୧୨ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ କଣିହାଁ କାର୍ଯ୍ୟାଳୟ, ୨୦ତାରିଖ (ମଙ୍ଗଳବାର) ପୂର୍ବାହ୍ନ ୧୦ଘଟିକା ସମୟରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ, ୨୭ତାରିଖ (ମଙ୍ଗଳବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ସେହିପରି ସେପ୍ଟେମ୍ବର ମାସ ୨ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ, ୯ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ବଣ୍ଟଁରପାଳ ବ୍ଲକ କାର୍ଯ୍ୟାଳୟ, ୧୭ତାରିଖ(ମଙ୍ଗଳବାର) ପୂର୍ବାହ୍ନ ୧୦ଘଟିକା ସମୟରେ ତାଳଚେର ବ୍ଲକ କାର୍ଯ୍ୟାଳୟ, ୨୩ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ଓ ୩୦ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ କଣିହାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳରଜନସାଧାରଣ ଯୋଗଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଉଛି। ସେହିପରି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜିଲ୍ଲା କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ହାତୀ ଉପଦ୍ରବ ଯୋଗୁଁ ବ୍ୟାପକ ଫସଲ ନଷ୍ଟ

**ବଇଣ୍ଡା, ୨୯।୬(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜର କୁତୁଲିସିଙ୍ଗା, ମଇମୁରା, ଖୋଲାଡ଼ିପ, କଂସାବ, ଝାଟିକିବାହାଳ ଅଞ୍ଚଳରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ହାତୀମାନେ ନିକଟସ୍ଥ ଜଙ୍ଗଲରୁ ଆସି ବ୍ୟାପକ ଫଲଲ ନଷ୍ଟ କରୁଛନ୍ତି। ବିଶେଷକରି ଏବେ ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁଁ ଗ୍ରାମଗୁଡିକକୁ ଆସି ଆମ୍ବ ଗଛ ଭାଙ୍ଗିବା ସହ ପଣସ, କଦଳୀ ଗଛଗୁଡିକ ଭାଙ୍ଗି ନଷ୍ଟ କରିଦେଉଛନ୍ତି। ଏକର ଏକର ଜମିରେ ଲାଗିଥିବା ପୋଟଳ ଚାଷଗୁଡିକ ପାଦରେ ଦଳି ନଷ୍ଟକରିବା ସହ ବହୁ ପନିପରିବା ନଷ୍ଟ କରୁଛନ୍ତି। ନିକଟସ୍ଥ ଜଙ୍ଗଲରେ ଥିବା ୧୦ଟିକିଆ ହାତୀ ପଲ ଗ୍ରାମକୁ ଆସି ତାଣ୍ଡବ ଚଳାଇଛନ୍ତି। ହାତୀ ଉପଦ୍ରବ ସମ୍ପର୍କରେ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟ ଠାରେ ଅଭିଯୋଗ କରିଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ହାତୀଗୁଡିକକୁ ଘଉଡ଼ା ଯାଉନାହିଁ। ଲୋକେ ରାତି ଉଜାଗର ହୋଇ ବାଣ ଫୁଟାଇ ହାତୀ ଘଉଡ଼ାଉଥିଲେ ମଧ୍ୟ ହାତୀମାନେ ପୁଣି ଗ୍ରାମାଭିମୁଖି ହୋଇ ଫସଲ ନଷ୍ଟ କରୁଛନ୍ତି। ଯାହାକୁ ନେଇ ଏବେ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ତୁରନ୍ତ ହାତୀ ଉପଦ୍ରବ୍ୟରେ ବନ ବିଭାଗ ପଦକ୍ଷେପ ନେଇ ହାତୀ ଘଉଡ଼ାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଧଣ୍ଡାତୋପା ରେଞ୍ଜର ବୃବାହାନ ସାହୁ କୁହନ୍ତି, ହାତୀ ଘଉଡ଼ାଇବା ପାଇଁ ପଦେକ୍ଷପ ନିଆଯାଉଛି।

## ବଇଣ୍ଡାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ଆଲୋଚନା



**ଅନୁଗୋଳ/ବଇଣ୍ଡା, ୨୯।୬(ସମିସ):** କିଶୋରନଗର ବ୍ଲକ ବଇଣ୍ଡା ଠାରେ ହେବାକୁଥିବା ଓଏସଆରଟିସି ପକ୍ଷରୁ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଶନିବାର ବଇଣ୍ଡା ଗ୍ରାମବାସୀଙ୍କ ସହ କିଶୋରନଗର ତହସିଲ ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଛି। ବସଷ୍ଟାଣ୍ଡ ପାଇଁ ସରକାରଙ୍କ ପକ୍ଷରୁ ୪ ଏକର ଜମି ଯୋଗାଇ ଦିଆଯାଇଥିବା ବେଳେ ମନ୍ଦିରକୁ ସ୍ଥାୟୀ ରାସ୍ତା ନ ଥିବା ସହ ଆଗାମୀ ଦିନରେ ହେବାକୁଥିବା ଚନ୍ଦନ ଯାତ୍ରା ସହ ବିଭିନ୍ନ ପୂଜା କରିବା ପାଇଁ ଜାଗା ନଥିବା ଯୋଗୁଁ ଅସନ୍ତୋଷ ଦେଖାଯାଇଥିଲା। ସାପ୍ତାହିକ ହାଟ ନିକଟରେ ଥିବା ଜମିରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯାଇଥିବା ବେଳେ ଗୋଟିଏ ପାର୍ଶ୍ୱରୁ ଜମି ନ ଦେଇ ମଝି ସ୍ଥାନରୁ ଜମି ଯୋଗାଇ ଦିଆଯାଇଥିବା ଯୋଗୁଁ ଅସନ୍ତୋଷ ଦେଖାଦେଇଥିଲା। ଯାହା ଫଳରେ ଅଞ୍ଚଳବାସୀ ବସଷ୍ଟାଣ୍ଡ କାମକୁ ନେଇ ବିରୋଧ କରିଥିଲେ। ଗୋଟିଏ ପାର୍ଶ୍ୱରୁ ଜମି ଯୋଗାଇଦେବା ପାଇଁ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ପରେ ଅଞ୍ଚଳବାସୀ ବଇଣ୍ଡା ଗସ୍ତରେ ଆସିଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପରେ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ତହସିଲ ପ୍ରଶାସନ ପକ୍ଷରୁ ଅଞ୍ଚଳବାସୀଙ୍କ ସହ ଆଲୋଚନା କରାଯାଇଛି। ତହସିଲଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ, ବଇଣ୍ଡା ରାଜସ୍ୱ ନିରିକ୍ଷକ ରଂଜିତା ସାହୁ, ଓଏସଆରଟିସିର ଅଧିକାରୀ, ଠିକାସଂସ୍ଥା, ବଇଣ୍ଡା ଗ୍ରାମର ଉପସଭାପତି ଅରବିନ୍ଦ ସାହୁ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ସହ ସମ୍ପାଦକ ପରୀକ୍ଷିତ ସାହୁ, କୋଷାଧ୍ୟକ୍ଷ ବିନୀତ ସାହା, ପୂର୍ବତନ ସରପଞ୍ଚ ଜଳଧର ସାହୁ, ଜିତେନ୍ଦ୍ର ବେହେରା, ଶୁଭେନ୍ଦୁ ମୋହନ ସାହୁ, ଗିରିଶ ଚନ୍ଦ୍ର ବେହେରା, ଅନ୍ତର୍ଯ୍ୟାମୀ ବେହେରା, ପ୍ରକାଶ ଚନ୍ଦ୍ର ମିଶ୍ର, ସଞ୍ଜୟ ସାହୁଙ୍କ ସମେତ ଗ୍ରାମବାସୀଙ୍କ ଉପସ୍ଥିତରେ ବସଷ୍ଟାଣ୍ଡ ନିର୍ମାଣର ଜମିକୁ ବୁଲି ଦେଖିବା ସହ ଏକ ସାଇଡରୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯିବ ବୋଲି ତହସିଲ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଏଠାରେ ଥିବା ୭ ଏକର ସରକାରୀ ଜମିକୁ ଚିହ୍ନଟ କରିବା ପାଇଁ ଅଞ୍ଚଳବାସୀ ପ୍ରଶାସନକୁ ଅନୁରୋଧ କରିଥିଲେ। ବଇଣ୍ଡା ଅଞ୍ଚଳରେ ଅନେକ ପ୍ରଭାବଶାଳି ବ୍ୟକ୍ତି ସରକାରୀ ଜମିଗୁଡିକ ଜବରଦଖଲ କରିଥିବା ଯୋଗୁଁ ସରକାରୀ କାର୍ଯ୍ୟାଳୟ ସ୍ଥାପନ କରିବାରେ ଅସୁବିଧା ସୃଷ୍ଟି ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି।

## ଜନବସତି ଅଞ୍ଚଳରେ ବିଦେଶୀ ମଦ ଦୋକାନ; ଉଚ୍ଛେଦ ପାଇଁ ଦାବି



**ବଇଣ୍ଡା, ୨୯।୬(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ବଇଣ୍ଡାଠାରେ ଥିବା ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ହେଉନି। ଫଳରେ ବଇଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଜନବସତି ଅଞ୍ଚଳରେ ଏହି ବିଦେଶୀ ମଦ ଦୋକାନ ଥିବା ଯୋଗୁଁ ଉଚ୍ଛେଦ ପାଇଁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଯୋଗୁଁ ଶନିବାର ବୈଷ୍ଣବସାହି ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ପତ୍ର ମାଧ୍ୟମରେ ଦାବି କରିଛନ୍ତି। ଏହାର ଏକ ନକଲ ଅବକାରୀ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ, ବଇଣ୍ଡା ଠାରେ ଥିବା ବିଦେଶୀ ମଦ ଦୋକାନଟି ଜନବସତି ଅଞ୍ଚଳରେ ରହିଛି। ବିଶେଷକରି ଏହି ମଦ ଦୋକାନ ପାଖରେ ଶତାଧିକ ଘର ସହ ନିକଟରେ ରହିଛି ଏକ ବିଦ୍ୟାଳୟ। ପ୍ରତେକ ଦିନ ସକାଳୁ ରାତି ୧୦ ଟା ଏହି ମଦ ଦୋକାନରେ ଗହଳ ଚହଳ ଲାଗି ରହିଥିବା ଯୋଗୁଁ ଲୋକମାନେ ଏହି ରାସ୍ତାଦେଇ ଯିବା ସୁରକ୍ଷିତ ମନେ କରୁନାହାନ୍ତି। ସେହିପରି ଅନେକ ବ୍ୟକ୍ତି ମଦ ଦୋକାନ ନିକଟରେ ମଦ ପିଉଥିବା ଯୋଗୁଁ ଗଣ୍ଡଗୋଳ ସୃଷ୍ଟି ହେଉଛି। ବିଦ୍ୟାଳୟକୁ ପାଠ ପଢି ଆସୁଥିବା ଛାତ୍ରୀଛାତ୍ରମାନେ ମଧ୍ୟ ମଦ ଦୋକାନ ଥିବା ଯୋଗୁଁ ଭୟଭୀତ ହେଉଛନ୍ତି। ଏହି ରାସ୍ତା ଦେଇ ଦ୍ରୁତଗତିରେ ବାଇକ ଯାଉଥିବା ଯୋଗୁଁ ଅଞ୍ଚଳବାସୀ ସେମାନଙ୍କ ପିଲାମାନଙ୍କୁ ବାହାରକୁ ଛାଡ଼ିବାକୁ ଭୟକରୁଛନ୍ତି। ସେହିପରି ସନ୍ଧ୍ୟା ସମୟରେ ଏହି ରାସ୍ତା ଗହଳଚହଳ ଥିବା ସହ ମଦପିଇ ଲୋକେ ଯାତାୟାତ କରୁଥିବା ଯୋଗୁଁ ସନ୍ଧ୍ୟା ହେଲେ ମହିଳାମାନେ ଘର ତାଟି କବାଟ ପକାଇ ଘରେ ରହୁଛନ୍ତି। ଏକ ସପ୍ତାହ ପୂର୍ବେ ଏହି ବିଦେଶୀ ମଦ ଦୋକାନରେ ଉଚ୍ଚ ଦରରେ ମଦବିକ୍ରି ଯୋଗୁଁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯେଉଁ ଗ୍ରାହକମାନେ ଉଚ୍ଚଦରରେ ମଦ ବିକ୍ରି କରୁଥିବା ସମ୍ପର୍କରେ ଅଭିଯୋଗ କରିଥିଲେ, ସେମାନଙ୍କୁ ମିଥ୍ୟା କେସରେ ଗିରଫ କରିବା ପାଇଁ ବ୍ୟବସାୟୀ ଧମକ ଦେଉଥିବା କେତେକ ଗ୍ରାହକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ସେହିପରି କିଛିଦିନ ତଳେ ଉକ୍ତ ଦୋକାନ କର୍ମଚାରୀମାନେ ବାଇକରେ ମଦ ଚାଲାଣ କରୁଥିବା ବେଳେ ବଇଣ୍ଡା ଗ୍ରାମବାସୀଙ୍କ ହାତରେ ଧରାପଡିବା ସହ ହଟହଟା ହୋଇଥିଲେ। ପରେ ଘଟଣାସ୍ଥଳରୁ ମଦକୁ ଦୋକାନକୁ ନେଇଯାଇ ଅଞ୍ଚଳବାସୀଙ୍କୁ କର୍ମଚାରୀମାନେ ଧମକ ଦେଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଉକ୍ତ ବିଦେଶୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବୈଷ୍ଣବସାହି ଓ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।

## ୧ ରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

**କିଶୋରନଗର, ୨୯।୬(ସମିସ):** କିଶୋରନଗର ବ୍ଲକରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ସୋମବାର ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲାପାଳ ଓ ଏସପିଙ୍କ ଦ୍ୱାରା ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ଜିଲ୍ଲାର ବିଦ୍ୟୁତ୍, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ସ୍ୱାସ୍ଥ୍ୟ, ଜଳସମ୍ପଦ, ଶିକ୍ଷା, କୃଷି, ଉଦ୍ୟାନ କୃଷି, ରାଜସ୍ୱ, ଉଠା ଜଳସେଚନ ବିଭାଗ ଆଦିର ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣିରେ ଅଞ୍ଚଳର ଜନସାଧାରଣ ଯୋଗଦେବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲ୍ଲା ପ୍ରଶାସନ ସହଯୋଗରେ ସନ୍ତରଣ ପ୍ରତିଯୋଗିତା



**ଅନୁଗୋଳ, ୨୯ ।୬(ସମିସ) :** ଜିଲ୍ଲା ପ୍ରଶାସନ ସହଯୋଗରେ ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ସନ୍ତରଣାଗାର ଠାରେ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୪୨ ଜଣ ବାଳକ ଓ ବାଳିକା ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବାଳକ ଓ ବାଳିକାମାନଙ୍କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରୀବନ୍ଧୁ ସାହୁ ସାର୍ଟିଫିକେଟ୍ ଏବଂ ମେଡାଲ ପ୍ରଦାନ କରିଥିଲେ। ସନ୍ତରଣରେ ନିୟୋଜିତ ଥିବା ପ୍ରଶିକ୍ଷକ ଅଞ୍ଜୁ ପରିଡ଼ା, ଜୁନିୟର ସନ୍ତରଣ କୋଚ୍ ଶିବସୌରଭ ମାହାର ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ବାଳକ ଓ ବାଳିକା ଆସନ୍ତା ମାସରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

**ବିନା ଅନୁମତିରେ ଖୋଳାଯାଉଛି ପୂର୍ତ୍ତ ବିଭାଗ ରାସ୍ତା**

# ରାସ୍ତା ଉପରେ ମାଟି, ଯାତାୟାତରେ ବାଧା



**ଅନୁଗୋଳ /ବଇଣ୍ଡା, ୨୯ ।୬(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା- ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ବଡ଼ହୁଲା ରାସ୍ତା ନିକଟରେ ଶୁକ୍ରବାର ଏକ ଠିକାସଂସ୍ଥା ବିନା ଅନୁମତିରେ ଖୋଳିଚାଲିଛି। ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ଅନୁମତି ନ ନେଇ ବେଆଇନ ଭାବରେ ଜବରଦସ୍ତ ଖୋଳୁଥିବା ଜଣାପଡିଛି। ପୂର୍ତ୍ତ ବିଭାଗଠାରୁ କୌଣସି ଅନୁମତି ନ ନେଇ ଉକ୍ତ ଠିକାସଂସ୍ଥା ଖୋଳିଦେଇଥିବା ବେଳେ ରାସ୍ତାରେ ମାଟି ଗୁଡିକ ଗଦାହୋଇ ରଖିବା ସହ ଜେସିବି ମେସିନ ମାରି ପିଚୁ ରାସ୍ତାକୁ ନଷ୍ଟ କରିଦେଉଥିବା ଅଭିଯୋଗ ହୋଇଛି। ରାସ୍ତାରେ ମାଟିଗୁଡିକ ଦୀର୍ଘ ସମୟ ଧରି ଗଦା ହୋଇଥିବା ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବାଧା ସୃଷ୍ଟି ହେଉଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତା ଖୋଳାକୁ ବିରୋଧ କରିଥିଲେ ମଧ୍ୟ ଠିକାସଂସ୍ଥା ଶୁଣି ନଥିବାରୁ ବଣିଆସାହି ଗ୍ରାମବାସୀ ବଇଣ୍ଡା ପୂର୍ତ୍ତ ବିଭାଗ କାର୍ଯ୍ୟାର୍ଯ୍ୟାଳୟ ଠାରେ ଅଭିଯୋଗ କରିଛନ୍ତି। ଘଟଣାରୁ ଜଣାପଡିଛି ଯେ, ପାଣି ପାଇପ ନେବା ପାଇଁ ଏକ ଠିକାସଂସ୍ଥା କିଛିଦିନ ହେବ ବିଭିନ୍ନ ପଞ୍ଚାୟତରେ ପାଇପ ବିଛାଇଥିବା ବେଳେ ଅନେକ ସ୍ଥାନରେ ରାସ୍ତାଗୁଡିକ ବିନା ଅନୁମତିରେ ଖୋଳିଦେଉଛନ୍ତି। ରାସ୍ତାଗୁଡିକକୁ ୩ ଫୁଟ ଛାଡ଼ି ଖୋଳିବା ପାଇଁ ନିୟମ ଥିବା ସହ ବିଭାଗୀୟ ଅଧିକାରୀଙ୍କ ଠାରୁ ଅନୁମତି ନେଇ ରାସ୍ତା ଖୋଳିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ଉକ୍ତ ଠିକାସଂସ୍ଥା ପକ୍ଷରୁ କୌଣସି ବିଭାଗୀୟ ଅଧିକାରୀଙ୍କ ଠାରୁ ଅନୁମତି ନ ଆଣି ରାସ୍ତା କଡ଼ରେ ଖୋଳିବା ସହ ଅନେକ ପିଚୁ ରାସ୍ତାକୁ ନଷ୍ଟ କରିଦେଉଛନ୍ତି। ଏପରିକି ରାସ୍ତା ଖୋଳିବା ପାଇଁ ଠିକାସଂସ୍ଥା ପୂର୍ତ୍ତ ବିଭାଗ ଠାରୁ କୌଣସି ଅନୁମତି ଆଣି ନଥିବା ଜଣାପଡିଛି। ଅପରପକ୍ଷରେ ରାସ୍ତାରେ ମାଟି ଗଦା ଯାଇଥିବା ଯୋଗୁଁ ଏହି ରାସ୍ତାରେ ଯାଉଥିବା ଯାନଗୁଡିକ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟିଦେଇ ପଦେକ୍ଷପ ନେବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ପୂର୍ତ୍ତ ବିଭାଗର ଏସଡିଓ ରମେଶ ଚନ୍ଦ୍ର ସ୍ୱାଇଁ କୁହନ୍ତି, ରାସ୍ତା ଖୋଳା ସମ୍ପର୍କରେ ତଦନ୍ତ କରାଯିବ।

## ଗୀତାଜ୍ଞାନ ଯଜ୍ଞ ଉଦ୍‌ଯାପିତ




**ଢେଙ୍କାନାଳ, ୨୯।୬(ସମିସ) :** ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସଭାଗୃହରେ ପ୍ରଜ୍ଞାନ ମିଶନ ବାରିଘାଇ ଆଶ୍ରମ ଓ ଢେଙ୍କାନାଳ ଶାଖା ତରଫରୁ ଅନୁଷ୍ଠିତ ଗୀତା ଗୀତାଜ୍ଞାନ ଯଜ୍ଞ ଉଦଯାପିତ ହୋଇଯାଇଛି। ପ୍ରଜ୍ଞାନ ମିଶନର ମୁଖ୍ୟ ପରମହଂସ ପ୍ରଜ୍ଞାନନନ୍ଦ ମହାରାଜ ଯୋଗଦେଇଥିଲେ। ପ୍ରାରମ୍ଭରେ ସ୍ୱାମୀ ବ୍ରହ୍ମାବାନନ୍ଦଜୀ, ସ୍ୱାମୀ ବିବେକାନନ୍ଦ ଜୀ, ସ୍ୱାମୀ ଅନିର୍ବାଣନନ୍ଦ ଗିରି, ବ୍ରହ୍ମଚାରୀ ତୃପ୍ତାନନ୍ଦ, ସ୍ୱାମୀ ପରମାନନ୍ଦ ଗିରି ପ୍ରମୁଖ ଶାନ୍ତିପାଠ କରିଥିଲେ। ଏହି ଅବସରରେ ଅବନୀ ମିଶ୍ରଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ କମଳ ନନ୍ଦ, ସ୍ୱପ୍ନା ନନ୍ଦ, ତୃପ୍ତି ନନ୍ଦ, ମମତା ମିଶ୍ର, ଅମର ପଟ୍ଟନାୟକ ଭଜନ ପରିବେଷଣ କରିଥିଲେ। ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଶରତ ବେହେରା, ଆନନ୍ଦ ଚନ୍ଦ୍ର ମିଶ୍ର, ବିଜୟଲକ୍ଷ୍ମୀ ଦେବୀ, ଭୁବନାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଜ୍ଞାନ ମିଶନର କର୍ମକର୍ତ୍ତା ଏବଂ ଶରଣ ବେହେରା ପରିଚାଳନା କରିଥିଲେ।

## ମଦ୍ୟପଙ୍କ ଆକ୍ରମଣରେ ଯୁବକ ଗୁରୁତର

**କାମାକ୍ଷାନଗର,୨୯।୬(ସମିସ):** କାମାକ୍ଷାନଗର ବ୍ଲକର ମହାବିରୋଡ଼ ଥାନା ଅନ୍ତର୍ଗତ ଗଡ଼ପଳାଶୁଣି ଗ୍ରାମ ନିକଟସ୍ଥିତ ଆମ୍ବତୋଟାରେ ଜନୈକ ମଦ୍ୟପଙ୍କ ଆକ୍ରମଣରେ ଯୁବକଙ୍କ ଅନ୍ତବୁଜୁଳା ବାହାରି ପଡ଼ିଥିବା ଜଣାପଡ଼ିଛି।



କଙ୍କଡାହାଡ଼ ଥାନା ଅନ୍ତର୍ଗତ ଡଙ୍ଗାପାଳ ଗ୍ରାମର ୫ ଜଣ ବ୍ୟକ୍ତି ଏକତ୍ରିତ ହୋଇ ମଦ୍ୟପାନ କରୁଥିବା ସମୟରେ କୌଣସି କାରଣରୁ ନିଜ ନିଜ ଭିତରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନଙ୍କ ମଧ୍ୟରୁ କେହି ଜଣେ ବ୍ୟକ୍ତି ମଦ ବୋତଲକୁ ଭାଙ୍ଗି ବିଜୟ ସିଂହ(୪୦)ଙ୍କ ପେଟରେ ଭୂଷି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ଅନ୍ତ ବୁଜୁଳା ବାହାରି ଆସିଥିଲା। ଘଟଣାସ୍ଥଳରୁ ଅନ୍ୟ ବ୍ୟକ୍ତିମାନେ ଖସି ପଳାଉଥିବା ବେଳେ ସ୍ଥାନୀୟ ଲୋକମାନେ କାବୁକରି ନେଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗ କ୍ରମେ ଗୁରୁତର ଅବସ୍ଥାରେ ବିଜୟଙ୍କୁ ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏ ସଂକ୍ରାନ୍ତରେ ମହାବିରୋଡ଼ ଥାନା ଏଏସଆଇ ସେସଦେବ ଲେଙ୍କା କହିଛନ୍ତି ଯେ, ଡ଼ଙ୍ଗାପାଳ ଗ୍ରାମର ୫ ଜଣ ବ୍ୟକ୍ତି ନିଜ ନିଜ ଭିତରେ ଗଣ୍ଡଗୋଳ କରି ପରସ୍ପରକୁ ଆକ୍ରମଣ କରିବା ଫଳରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ଓ ଅନ୍ୟ ୩ ଜଣ ସେମାନଙ୍କ ସହିତ ମେଡିକାଲ ଯାଇଥିବା ଶ୍ରୀ ଲେଙ୍କା ସୂଚନା ଦେଇଛନ୍ତି। ଏହାର ନିରପେକ୍ଷତା ଭାବେ ତଦନ୍ତ କରାଗଲେ ଘଟଣାର ସତ୍ୟାସତ ଜଣାପଡ଼ିବ।

## ଭ୍ରାମ୍ୟମାଣ ଆଇନ ସେବା ଶିବିର



**ହିନ୍ଦୋଳ,୨୯।୬ (ସମିସ) :** ହିନ୍ଦୋଳ ବ୍ଲକ ପରିସରରେ କଟକ ସ୍ଥିତ ଆଇନ ସେବାସଂସ୍ଥା କ୍ଲାପ୍ କମିଟି ପକ୍ଷରୁ ଏକ ଭ୍ରମ୍ୟମାଣ ଆଇନ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ହିନ୍ଦୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନିତା ବିଜୟିନୀ ଉଦଘାଟନ କରିଥିଲେ। ଏହି ଶିବିରରେ ଉପଖଣ୍ଡର ବହୁ ଜନସାଧାରଣ ଯୋଗଦେଇ ଆଇନଗତ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିରେ ସମସ୍ତ ଅଭିଯୋଗର ଶୁଣାଣି କରାଯାଇ ଆଇନଗତ ଉପଦେଶ ଦିଆଯିବା ସହିତ ଆବଶ୍ୟକ ସ୍ଥଳେ ମାଗଣା ଆଇନ ସହାୟତା ଯୋଗାଇ ଦିଆଯିବ ବୋଲି କ୍ଲାପ କମିଟି ପକ୍ଷରୁ ଆଇନଜୀବୀ ବିଜୟଶ୍ରୀ ବାରିକ କହିଥିଲେ। ଜନସାଧାରଣ ଯେମିତି ନ୍ୟାୟ ପ୍ରକ୍ରିୟାରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ଉପସ୍ଥିତ ଅଧିକାରୀ କହିଥିଲେ।

### ଆମ ପୋଖରୀ ପୁନରୁଦ୍ଧାର ଯୋଜନା

# କୋଟି କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ଫଳ ଶୂନ





**ଢେଙ୍କାନାଳ, ୨୯।୬ (ସମିସ):** ଢେଙ୍କାନାଳ ପୌରାଞ୍ଚଳରେ ରାଜାରାଜୁଡ଼ା ସମୟରେ ରହିଥିବା ବହୁ ପୁରାତନ ପୋଖରୀ ଆମ ପୋଖରୀ ଯୋଜନାରେ ପୁନରୁଦ୍ଧାର ଲାଗି କୋଟି କୋଟି ଟଙ୍କା ବିନିଯୋଗ କରାଯାଇଥିଲେ ମଧ୍ୟ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସହରରେ ଥିବା ଆମ ପୋଖରୀ ଯୋଜନାରେ ହୋଇଥିବା ପଙ୍କ ଉଦ୍ଧାର କାର୍ଯ୍ୟର ଏକ ସମୀକ୍ଷା ବୈଠକ ପୂର୍ବତନ ପୌରାଧ୍ୟକ୍ଷ ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୌରାଞ୍ଚଳର ୧୬ଟି ପୋଖରୀ ମଧ୍ୟରୁ ୧୨ଟି ପୋଖରୀର ପଙ୍କ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ପ୍ରାୟ ୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ବିଦ୍ଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହି ପୋଖରୀଗୁଡିକୁ ପୁନରୁଦ୍ଧାର କରାଯାଇ ଏହାର ଚତୁପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ ସହିତ ସଂକୁଚିତ ନକରି ସମସ୍ତ ପଙ୍କ ମାଟି ପୋଖରୀ ମଧ୍ୟରୁ ବାହାରକୁ ନିଷ୍କାସନ କରାଯିବ ବୋଲି ପୌର କର୍ତ୍ତୃପକ୍ଷ ବାରମ୍ବାର ବୈଠକ କରି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏପରିକି ଗତ ସରକାରଙ୍କ ୨ଜଣ ଅଧିକାରୀଙ୍କ ଉପସ୍ଥିତିରେ ପୌରପାଳିକା ସଭା ଗୃହରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଗତ କିଛିମାସ ମଧ୍ୟରେ ଏହି ପୋଖରୀଗୁଡିକର ପୁନରୁଦ୍ଧାର ଯୋଜନାରେ କାର୍ଯ୍ୟ ଆରମ୍ଭ ହୋଇ ପଙ୍କ ମାଟିଗୁଡିକୁ ପୋଖରୀ ହୁଡ଼ା ଭିତରେ ପକାଇ ଦେଇ ପ୍ରାୟ ୩୦ ରୁ ୫୦ ଫୁଟ ସଂକୁଚିତ କରାଯାଇଛି। ଭାଗିରଥି ସାଗର, କୁଞ୍ଜକାନ୍ତ ପୋଖରୀ ଏବଂ ହୀରାସାଗର ପୋଖରୀ ଅଞ୍ଚଳର ବାସିନ୍ଦାଙ୍କ ସହିତ ଅନ୍ୟ ବୁଦ୍ଧିଜୀବୀମାନେ ଏହାର ତୀବ୍ର ବିରୋଧ କରିଥିଲେ। ଏହି ଜନଅସନ୍ତୋଷ ଉପୁଜିବାରୁ ପୌରାଧ୍ୟକ୍ଷା, ନିର୍ବାହୀ ଅଧିକାରୀ, ଏପରିକି ଜିଲ୍ଲାପାଳ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରି ସୂଚନା ଦେଇଥିଲେ ଯେ, ପୁନରୁଦ୍ଧାର ପୋଖରୀଗୁଡିକର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ଦୃଷ୍ଟିରୁ ପୋଖରୀ ମଧ୍ୟରେ ରହିଥିବା ସବୁ ପଙ୍କ, ମାଟି ବାହାରକୁ ସ୍ଥାନାନ୍ତରିତ କରାଯିବ। ମାତ୍ର ପୌର ଯନ୍ତ୍ରୀ ଏହି ପଙ୍କ ମାଟି ସ୍ଥାନାନ୍ତରିତ ନକରି ଏହି ଐତିହାସିକ ପୋଖରୀଗୁଡିକୁ ପ୍ରାୟ ୫୦ ଫୁଟ ସଂକୁଚିତ କରିଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବୈଠକରେ ପୌରପାଳିକାରେ ବସବାସ କରୁଥିବା ବିଭିନ୍ନ ୱାର୍ଡର ଉପସ୍ଥିତ ରହିଥିବା ବୁଦ୍ଧିଜୀବୀଙ୍କ ସହମତିରେ ଏକ ସମନ୍ୱୟ କମିଟି ଗଠନ କରାଯାଇଥିଲା। କୋଟି କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ପଙ୍କ ମାଟି କାହିଁକି ବାହାରକୁ ନିଷ୍କାସନ ହୋଇପାରିଲାନାହିଁ। ଆମ ପୋଖରୀ ଯୋଜନାରେ କୋଟିକୋଟି ଟଙ୍କା ଅର୍ଥ ଗଲା କୁଆଡେ।

### ଢେଙ୍କାନାଳ ବନ୍ଦ ଡାକରା ନିଷ୍ପତ୍ତି

ଏହିପରି ସମ୍ବେଦନଶୀଳ ଘଟଣାକୁ ନେଇ ସମନ୍ୱୟ କମିଟି ପକ୍ଷରୁ ଏକ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଏହି ପୋଖରୀ ଉନ୍ନୟନ କାର୍ଯ୍ୟର ତଦନ୍ତ କରିବା ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରିବା ସହିତ ନିୟୋଜିତ ଠିକାଦାରର ବିଲ୍ ବନ୍ଦ କରିବା ପାଇଁ ଆସନ୍ତା ଜୁଲାଇ ୧ ତାରିଖରେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯିବ। ଏହାର ଯଦି ୭ ଦିନ ମଧ୍ୟରେ କୌଣସି କାର୍ଯ୍ୟକାରୀ କରା ନଯାଏ, ଜିଲ୍ଲାର ଐତିହ୍ୟକୁ ରକ୍ଷା କରିବା ଓ ଜିଲ୍ଲାରେ ଦୁର୍ନୀତି ଭ୍ରଷ୍ଟାଚାର ବନ୍ଦ କରିବା ପାଇଁ ଆସନ୍ତା ଜୁଲାଇ ୧୨ ତାରିଖରେ ଢେଙ୍କାନାଳ ବନ୍ଦ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ କମିଟିର ଉପଦେଷ୍ଟା ଭରତ କୁମାର ଦାସ, ସମ୍ପାଦକ ରୁଦ୍ରାନ୍ତ ଦଳେଇ, ଭାଗିରଥି ସାଗର ସୁରକ୍ଷା ସମିତିର ସଭାପତି ପଙ୍କଜ ନାୟକ, ସମ୍ପାଦକ ଅଶୋକ ସ୍ୱାଇଁ, ଉପସଭାପତି ମନ୍ମଥ ରାଓ, ଉଦୟନାଥ ବେହେରା, ବିକାଶ ସ୍ୱାଇଁ, ସୁବ୍ରତ ହୋତା, ଅବିନାଶ ସାହୁ, ପ୍ରଶାନ୍ତ ଜେନା, ଧୀରେନ ପଟ୍ଟନାୟକ, ଆଲୋକ ରଥ, ଅଭିମନ୍ୟୁ ବେହେରା, ଗିରିଶ ରାଉତ, ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକଙ୍କ ସମାସ୍ୟାକୁ ପ୍ରାଥମିକତା ଦିଆଯିବ: ରୁଦ୍ର ପାଣି



**ଢେଙ୍କାନାଳ, ୨୯।୬ (ସମିସ):** ସଂସଦରେ ଶପଥଗ୍ରହଣ କରିବା ପରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ତାଙ୍କ ଆବାସିକ ବାସଭବନଠାରେ ଉପସ୍ଥିତ ରହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜନସାଧାରଣଙ୍କ ସମାସ୍ୟା ବୁଝିଥିଲେ। ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ବର୍ତ୍ତମାନ ସଂସଦର ଶପଥ ଗ୍ରହଣ ପର୍ଯ୍ୟାୟ ଚାଲୁ ରହିଛି। ଆଗକୁ ବଜେଟ୍ ଅଧିବେଶନ ଆରମ୍ଭ ହେବ। ବର୍ତ୍ତମାନ ଯେହେତୁ ୨ଦିନ ଶନିବାର ଓ ରବିବାର ଛୁଟି ଦିବସ ଅଛି, ତେଣୁ ମୋ କର୍ମକ୍ଷେତ୍ର ଢେଙ୍କାନାଳକୁ ଆସିଛି। ଜଣେ କର୍ମଯୋଗୀ ହିସାବରେ ଲୋକଙ୍କ ମୌଳିକ ସମାସ୍ୟାକୁ ପ୍ରାଥମିକତା ଦିଆଯିବା ମୋର ପ୍ରଧାନ କର୍ତ୍ତବ୍ୟ। ମୁଁ ଯେହେତୁ ଲୋକଙ୍କ ପ୍ରତିନିଧୀ, ତେଣୁ ଲୋକଙ୍କର ଯେ କୌଣସି ସମାସ୍ୟା ମୋ ଦ୍ୱାରା ସମାଧାନ ହୋଇପାରିବ ସେଥିପାଇଁ ମୋର ଅବିରତ ପ୍ରୟାସ ଜାରି ରହିବ ବୋଲି ସେ କହିଥିଲେ। ଆଗାମୀ ଦିନରେ ମଧ୍ୟ ଯେତେବେଳେ ସଂସଦର ବିରତୀ ସମୟ ହେବ, ସେତେବେଳେ ମୋର କର୍ମକ୍ଷେତ୍ରକୁ ଆସି ମୁଁ ଲୋକଙ୍କ ସୁଖଦୁଃଖରେ ସାମିଲ୍ ହେବି ବୋଲି ଶ୍ରୀ ପାଣି କହିଛନ୍ତି।

## ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ସଚେତନତା କାର୍ଯ୍ୟକ୍ରମ



**ଢେଙ୍କାନାଳ,୨୯।୬ (ସମିସ):** ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲ୍ଲାସ୍ତରୀୟ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ପାଇଁ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଦିଲ୍ଲୀପ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏହି ଅଭିଯାନ ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହି ଅଭିଯାନରେ ଆଶାକର୍ମୀମାନେ ଘରକୁ ଘର ବୁଲି ଜ୍ୱର ରୋଗୀଙ୍କୁ ମେଲେରିଆ ରକ୍ତ ପରୀକ୍ଷା କରିବା ସହ ଯକ୍ଷ୍ମା ରୋଗ ସନ୍ଦେହ କରାଯାଉଥିବା ରୋଗୀଙ୍କ କଫ ସଂଗ୍ରହ କରିବା, ଡେଙ୍ଗୁ ରୋଗ କିପରି ନହେବ ଲୋକଙ୍କୁ ବୁଝାଇବା ସହ ଘର ଚାରି ପାଖରେ ପାଣି ଜମିବାକୁ ନଦେବା, ମଶାରି ଟାଣି ଶୋଇବା, ସନ୍ଦେହ କରାଯାଉଥିବା ଡେଙ୍ଗୁ ରୋଗୀଙ୍କୁ ନିକଟସ୍ଥ ଚିକିତ୍ସାଳୟ କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ପଠାଇବା, ପିଲାମାନଙ୍କୁ କିପରି ତରଳ ଝାଡ଼ା ନହେବ ଲୋକମାନଙ୍କୁ ବୁଝାଇବା ସହ ଘରକୁ ଘର ବୁଲି ଓଆରଏସ ଏବଂ ଜିଙ୍କ୍ ବଟିକା ଦେବା ଏବଂ କୁଷ୍ଠ ଓ ଅଣସଂକ୍ରମକ ରୋଗର ନିରାକରଣ ପାଇଁ ଲୋକଙ୍କୁ ବୁଝାଇବା ସହ ହାଇଡ୍ରୋସିଲ କିମ୍ବା ଗୋଦର ଗୋଡ଼ ହୋଇଛି କି ନାହିଁ ରିପୋର୍ଟ କରିବା, ଆସନ୍ତା ଅଗଷ୍ଟ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିବା ସହ ଏହି ଦିନ ସମସ୍ତେ ଖାଦ୍ୟ ଖାଇସାରିବା ପରେ ଔଷଧ ଖାଇ ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବା ଓ ଯେଉଁ ପିଲାମାନେ ଟିକାକରଣ କାର୍ଯ୍ୟକ୍ରମରେ ବଞ୍ଚିତ ଥିବେ ସେମାନଙ୍କୁ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରିବା, ଗର୍ଭବତୀ ମହିଳା ମାନଙ୍କର ଠିକ୍ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା ହେଉଛି କି ନାହିଁ ଅନୁଧ୍ୟାନ କରିବା, ତା'ପରେ ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ଏହି ଅଭିଯାନ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଶ ଚନ୍ଦ୍ର ମହାପାତ୍ର ଏହି ଅଭିଯାନ ବିଷୟରେ ଅଧିକ ତଥ୍ୟ ପ୍ରଦାନ କରି ବାହାର ରାଜ୍ୟ କିମ୍ବା ଜିଲ୍ଲାରୁ ଆସିଥିବା ଲୋକମାନଙ୍କୁ କିପରି ସମସ୍ତ ତଥ୍ୟ ବିବରଣୀ ପାଇପାରିବେ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ଡା. ସଙ୍କଳ୍ପ କେଶରୀ ଭୋଳ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ଓ କଲ୍ୟାଣ ଅଧିକାରୀ, ସୁପରିଣ୍ଟେଣ୍ଡେଣ୍ଟ, ମେଡିକାଲ ଅଫିସର, ଜନସ୍ୱାସ୍ଥ୍ୟ ସଂସ୍ଥାର ଅଧିକାରୀ, ବିପିଏମ, ଜିଲ୍ଲା କୋଷାଧ୍ୟକ୍ଷ, ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତାଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଗୁପ୍ତ ନୀତି ସହିତ ଘରୋଇ ଠାକୁରଙ୍କୁ ରଙ୍ଗ



**ଢେଙ୍କାନାଳ, ୨୯।୬(ସମିସ):** ସଦରଥାନା ଅନ୍ତର୍ଗତ ପଞ୍ଚୁବଟୀ ଗ୍ରାମର ଚିତ୍ରକାର ଶିଳ୍ପୀମାନେ ଢେଙ୍କାନାଳ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଠାକୁର ଅଣସର ଥିବାବେଳେ ଗୁପ୍ତ ନୀତି ସହିତ ଘରୋଇ ଠାକୁରମାନଙ୍କୁ ରଙ୍ଗ କରିଥାନ୍ତି। ପୂର୍ବ ପୁରୁଷାନୁକ୍ରମେ ଏହି କାର୍ଯ୍ୟ କରିଆସୁଛନ୍ତି। ଆଗକୁ ଏହି ବୃତ୍ତି ବଜାଇ ରହିବ ବୋଲି ଚିତ୍ରଶିଳ୍ପୀମାନେ କହିଛନ୍ତି। ଦିଲୀପ୍ ମହାପାତ୍ର, ବିଜୟ ମହାପାତ୍ର, ଖଗେଶ୍ୱର ମହାପାତ୍ର, ଉଦୟ ମହାପାତ୍ର, ସନ୍ତୋଷ ମହାପାତ୍ର, ନାଗେଷ ମହାପାତ୍ର ପ୍ରମୁଖ ଏହି ସବୁ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି।

## ଗୋଟିଏ ରାତିରେ ୩ ଟି ଦୋକାନରୁ ଗ୍ୟାସ୍ ସିଲିଣ୍ଡର ଚୋରି

**ଯୋରନ୍ଦା,୨୯।୬(ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ଥାନା ଅନ୍ତର୍ଗତ ଯୋରନ୍ଦା ନାଟିମା ବଜାରର ୨ ଟି ଫାଷ୍ଟ ଫୁଡ୍ ଦୋକାନରୁ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ତାଲା ଭାଙ୍ଗି ଗ୍ୟାସ୍ ଟାଙ୍କି ସହିତ ଆନୁଷଙ୍ଗିକ ସାମଗ୍ରୀ ଚୋରି କରିନେଇଥିବା ଜଣାପଡ଼ିଛି। ଦଧିସିଙ୍ଗା ଗ୍ରାମର ଅଞ୍ଜନ ନାୟକ ଓ ବିରଞ୍ଚି ସାହୁ ନାଟିମା ବଜାର ଧୂନୀମନ୍ଦିର ନିକଟରେ ଠେଲା ଗାଡ଼ିରେ ଫାଷ୍ଟ ଫୁଡ୍ ଦୋକାନ କରି ନିଜ ପରିବାର ଚଳାଉଛନ୍ତି। ଦୁର୍ବୃତ୍ତ ଉଭୟଙ୍କ ଦୋକାନ ଚାବି ଭାଙ୍ଗି ଅଞ୍ଜନଙ୍କର ଗୋଟିଏ ଗ୍ୟାସ ସିଲିଣ୍ଡର ଓ କ୍ୟାସ୍ ଡ୍ରରୁ ୧୩୦୦ଟଙ୍କା ଚୋରି କରିଥିବା ବେଳେ ବିରଞ୍ଚି ସାହୁଙ୍କ ଗ୍ୟାସ ସିଲିଣ୍ଡର ଓ ୬୦୦ ଟଙ୍କା ଚୋରି କରିନେଇଛନ୍ତି। ଯୋରନ୍ଦା - ଢେଙ୍କାନାଳ ମୁଖ୍ୟ ରାସ୍ତାର କାଙ୍କଲୁଣ୍ଡା କେନାଲ ପାର୍ଶ୍ୱରେ ଥିବା ସ୍ନାକ୍ସ ଓ ଫାଷ୍ଟ ଫୁଡ୍ ଦୋକାନର ଗ୍ୟାସ ସିଲିଣ୍ଡରକୁ ମଧ୍ୟ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ଏ ସମ୍ପର୍କରେ ଦୋକାନୀମାନେ ଯୋରନ୍ଦା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଯୋରନ୍ଦା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।



## ଅସହାୟ ଧୋବେଇଙ୍କୁ ଦଇବ ସାହା

### ଶରୀରରେ ବଢ଼ି ଚାଲିଛି ମାଂସ ପିଣ୍ଡୁଳା
### ବାରମ୍ବାର ଗୁହାରି ସତ୍ତ୍ୱେ ମିଳୁନି ସରକାରୀ ସହାୟତା

**ହିନ୍ଦୋଳ, ୨୯।୬ (ସମିସ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାକୁ କରିଛନ୍ତି ବହୁ ଜନକଲ୍ୟାଣକାରୀ ଯୋଜନା। ଏନେଇ ପ୍ରତ୍ୟକ ବର୍ଷ ରାଜକୋଷରୁ ଖର୍ଚ୍ଚ ହେଉଛି ଅଜସ୍ର ଟଙ୍କା। ମାତ୍ର କେତେକ କ୍ଷେତ୍ରରେ ଏଭଳି ଯୋଜନ କେବଳ ପ୍ରଚାର ପ୍ରସାରରେ ସୀମିତ ରହୁଥିବା ସମୟରେ ଜନସାଧାରଣ ସ୍ୟସ୍ଥ୍ୟସେବା ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିବା କାରଣରୁ ସଫଳତା ନେଇ ସୃଷ୍ଟିହେଉଛି ପ୍ରଶ୍ନବାଚୀ। ବିଧିର ବିଧାନ ବଡ଼ ବିଚିତ୍ର। ନିଃସହାୟ ମଣିଷଟିଏ ବଞ୍ଚିବା ପାଇଁ ସାହାରା ଖୋଜୁଥିବା ବେଳେ ପ୍ରଶାସନ ପାଖରେ ଗୁହାରି କରି ଥକିଯାଏ, ହେଲେ କୌଣସି ସରକାରୀ ସହାୟତା ପାଇ ନଥିବାରୁ ଭାଗ୍ୟକୁ ଆଦରି ଏବେ ପଡ଼ିରହିଛନ୍ତି ବୋଲି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି ଜଣେ ଅସହାୟ ବ୍ୟକ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ହିନ୍ଦୋଳ ଉପଖଣ୍ଡ ମାଧପୁର ପଞ୍ଚାୟତ କନ୍ତକୁଳ ଗ୍ରାମରେ। ଧୋବେଇ ସାହୁଙ୍କ ବୟସ ୫୫, ପିଲାଦିନୁ ସବୁ ଠିକଠାକ ଥିବାବେଳେ ତାଙ୍କୁ ୩୦ ବର୍ଷ ହେବା ପରଠାରୁ ଦେହରେ ଅସ୍ୱାଭାବିକ ଭାବେ ମାଂସ ପିଣ୍ଡୁଳା ଆରମ୍ଭ ହୋଇ କିଛି ବର୍ଷ ମଧ୍ୟରେ ଦେହସାର ବଢ଼ି ଚାଲିଛି। ଏବେ ସେ ପିଣ୍ଡୁଳା ଏତେ ମାତ୍ରାରେ ବଢ଼ିଯାଇଛି ଯେ, ଆଉ ନିଜର ନିତ୍ୟ କର୍ମ କରିବାରେ ସକ୍ଷମ ହେଉ ନଥିବା ଦେଖାଯାଇଛି। ଏବେ ତାଙ୍କ ଆଖି ପାଖରେ ଗୋଟିଏ ମାଂସ ପୁଣ୍ଡୁଳା ବଢ଼ିଯାଇଥିବା ବେଳେ ତାଙ୍କୁ ଆଉ ଠିକରେ ଦେଖାଯାଉନି। ସରକାରୀ ସହାୟତା ପାଇଲେ ସେ ମାଂସ ପିଣ୍ଡୁଳାଗୁଡିକୁ ଅସ୍ତ୍ରୋପଚାର କରି ଶରୀରରୁ କିଛି ମାତ୍ରାରେ କାଢ଼ିପାରନ୍ତେ, ହେଲେ ପ୍ରଶାସନ ପାଖକୁ ଧାଇଁ ଧାଇଁ ସେ ଥକିପଡ଼ିଥିବା ବେଳେ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି କହିଛନ୍ତି। କେବଳ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ଏବେ ମଜୁରୀ କରିବାକୁ ସେ ଆଉ ସକ୍ଷମ ନୁହଁନ୍ତି। ଓଳିଏ ଖାଇଲେ ଦି ଓଳିଏ ଓପାସ ରହି ବଞ୍ଚିରହିଛନ୍ତି। ପ୍ରଶାସନଠାରୁ ଆରମ୍ଭ କରି କେହି ସହୃଦୟ ବ୍ୟକ୍ତି ଯଦି ସହାୟତା ଦିଅନ୍ତେ, ତାହେଲେ ସେ ବଞ୍ଚିପାରନ୍ତେ ବୋଲି କୋହଭରା କଣ୍ଠରେ କହିଛନ୍ତି।

## ଥାଲାସେମିଆ ଓ ସିକିଲସିଲ ସଚେତନା ଶିବିର

**ଢେଙ୍କାନାଳ, ୨୯।୬ (ସମିସ):** ସ୍ଥାନୀୟ ପିଡବ୍ଲୁଡି କଲୋନୀ ଠାରେ ଶ୍ରୀ ସତ୍ୟସାଇ ସେବା ସଂଗଠନ ଆନୁକୂଲ୍ୟରେ ଏକ ଥାଲାସେମିଆ ଓ ସିକିଲ ସିଲ୍ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସମ୍ ଚିକିତ୍ସାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡା. ହେମଲତା ଦାସ ପରିଚାଳନା କରିଥିଲେ। ଉକ୍ତ ଶିବିରରେ ୩୦ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ଶିବିରକୁ ଢେଙ୍କାନାଳ ସମିତିର ବିଶ୍ୱଜିତ୍ ନାୟକ, ଆବାହକ ପ୍ରଶାନ୍ତ ନାୟକ, ଜିଲ୍ଲା ଥାଲାସେମିଆ ଇନଚାର୍ଜ ଡା. ପ୍ରେମାନନ୍ଦ ସାହୁ, ବ୍ରଜବନ୍ଧୁ ଚିନରା, ସୁଚିତ୍ରା ବେହେରା ପରିଚାଳନା କରିଥିଲେ ଏବଂ ଜିଲ୍ଲା ସଭାପତି ଡା. ସୁଧାକର ସାହୁ ଉପସ୍ଥିତ ଥିଲେ।

## ବିଭାଗୀୟ ଅଧିକାରୀଙ୍କ ସହ ବିଧାୟକଙ୍କ ସମୀକ୍ଷା ବୈଠକ




**କାମାକ୍ଷାନଗର, ୨୯।୬ (ସମିସ):** କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ଅଞ୍ଚଳର ବିକାଶ ପାଇଁ ପ୍ରଥମ ବୈଠକରେ ଯୋଗ ଦେଇଛନ୍ତି କାମାକ୍ଷାନଗରର ନବନିର୍ବାଚିତ ବିଧାୟକ ଶତ୍ରୁଘ୍ନ ଜେନା ଓ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ। ସେମାନେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ବୈଠକରେ ବ୍ଲକର ବିଡିଓ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଆଗାମୀ ସମୟରେ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ବିକାଶ କ୍ଷେତ୍ରରେ ଆଉ ଏକ ପାଦ ଯୋଡ଼ିହେବ ବୋଲି ନବନିର୍ବାଚିତ ବିଧାୟକମାନେ ଆଲୋଚନା କରିଥିଲେ। ତେବେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ସୌଜନ୍ୟମୂଳକ ବୈଠକ ବିକାଶର ଡୋରକୁ ନିରବଚ୍ଛିନ୍ନ ରଖିବ ବୋଲି ସେମାନେ ଆଶାବାଦୀ ରହିଛନ୍ତି। ଅଞ୍ଚଳରେ ବିଭିନ୍ନ ମୌଳିକ ସମସ୍ୟା ଏବଂ କୃଷି ଓ ଶିକ୍ଷାର ପ୍ରସାର, ପ୍ରତି ଗାଁରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିକାଶର ଧାରାକୁ ତ୍ୱରାନ୍ୱିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ତେବେ ପ୍ରଶାସନ ଓ ରାଜନେତାଙ୍କ ମଧ୍ୟରେ ବୁଝାମଣା ଠିକ ରହିଲେ ଅଞ୍ଚଳର ବିକାଶ ହେବ ବୋଲି ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ କହିଥିଲେ।

## ଶିକ୍ଷୟିତ୍ରୀଙ୍କ ଘରେ ପଶି ଚୋରି

କେନ୍ଦ୍ରାପଡ଼ା, ୨୯।୬(ସମିସ): ଟାଉନ୍ ଥାନା ଅନ୍ତର୍ଗତ ଗୋପ ସେଣ୍ଟ ଜାଭିୟର ହାଇସ୍କୁଲର ଶିକ୍ଷୟିତ୍ରୀ ସୁଶ୍ରୀ ପଟ୍ଟନାୟକଙ୍କ ଘରେ ପଶି ଦୁର୍ବୃତ୍ତ ଟଙ୍କା, ସୁନା, ମୋବାଇଲ ଫୋନ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଗତ ଶୁକ୍ରବାର ରାତିରେ ଗରମ ହେଉଥିବାରୁ ସେ ବାଲକୋନି କବାଟ ଖୋଲା କରି ଶୋଇଥିଲେ। ଏହାର ସୁଯୋଗ ନେଇ ଦୁଇ ଜଣ ଚୋର ତାଙ୍କ ଘରେ ପଶି ୨୮ ହଜାର ଟଙ୍କା, ଦୁଇଟି ସୁନା ମୁଦି, ୪ଟି ମୋବାଇଲ ଫୋନ, ଆଧାର କାର୍ଡ, ଏଟିଏମ୍ କାର୍ଡ, ବୀମା କାର୍ଡ ଇତ୍ୟାଦି ଚୋରି କରିଛନ୍ତି। ଏହି ଚୋରିର ଦୃଶ୍ୟ ତାଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଦୁଇଜଣ ଚୋର ଚୋରି କରିବାକୁ ଆସୁଛନ୍ତି। ଜଣେ ଘରେ ପଶୁଛି ଓ ଅନ୍ୟ ଜଣେ ସହଯୋଗ କରୁଛି। ଚୋରି କରିବା ପରେ ଉଭୟ ବାଇକରେ ଫେରାର ହୋଇ ଯାଉଛନ୍ତି। ଏହି ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପୁଲିସ ଏହି ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଛି।

## ବାଲିଆ ପଞ୍ଚାୟତରେ ମାତିଛନ୍ତି ବାଲି ଓ ମାଟି ମାଫିଆ

# ରାସ୍ତା ଉପରେ ବାଲିଗଦା; ବଢୁଛି ଦୁର୍ଘଟଣା



ଡେରାବିଶ, ୨୯।୬(ସମିସ): ଡେରାବିଶ ତହସିଲ ଅଞ୍ଚଳରେ ଦୌରାତ୍ମ୍ୟ ଚଳାଇଛନ୍ତି ମାଟି ଓ ବାଲି ମାଫିଆ। ମାଟି ମାଫିଆମାନେ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ଥାନରୁ ବଡ଼ବଡ଼ ଗାଡ଼ କରି ମାଟି ଲୁଟି ନେଉଛନ୍ତି। ଏପରିକି ଏମାନଙ୍କ ଦୌରାତ୍ମ୍ୟରୁ ଡେରାବିଶ ବ୍ଲକର କୌଣସି ପଞ୍ଚାୟତ ଚାଷଜମି ବର୍ତ୍ତୁ ନଥିବା ବେଳେ ହରିଦାସପୁର-ପାରାଦୀପ ରେଳପଥ ମଧ୍ୟ ବାଦ ପଡୁନି। ଏହି ମାଟି ମାଫିଆମାନେ ରେଳ ଲାଇନ୍‌ର ଅତି ନିକଟରୁ ବିଭିନ୍ନ ସରକାରୀ ଓ ବେସରକାରୀ ଜମିରୁ ଜେସିବି ଓ ହାଇୱା ସହାୟତାରେ ବଡ଼ ବଡ଼ ଗାଡ଼ କରି ମାଟି ତାଡ଼ି ଲୁଟି ନେଉଥିବା ବେଳେ ରେଳ ଲାଇନ୍ ପ୍ରତି ବିପଦ ସୃଷ୍ଟି କରିଛି। ଏ ସମ୍ପର୍କରେ ଅଞ୍ଚଳବାସୀଙ୍କ ପକ୍ଷରୁ ତହସିଲ ପ୍ରଶାସନଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏ ଜନସାଧାରଣ ଅଭିଯୋଗ କରି କରି ନୟାନ୍ତ ହେଲେଣି ସିନା କିନ୍ତୁ ମାଟି ମାଫଆମାନଙ୍କର କିଛି ଫରକ ପଡୁନି। ଏହାପରେ ବାଲି ମାଫିଆମାନେ ମଧ୍ୟ ସେମାନଙ୍କର ଦୌରାତ୍ମ୍ୟ ଡେରାବିଶ ବ୍ଲକ ଅଞ୍ଚଳରେ ଜାରି ରଖିଛନ୍ତି। ଡେରାବିଶ ବ୍ଲକ ଅଞ୍ଚଳରେ ରହିଥିବା ଲୁଣା ନଦୀ ଓ ବିରୁପା ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ଜେସିବି ଓ ହାଇୱା ଦ୍ୱାରା ବାଲି ଉତ୍ତୋଳନ କରି ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହି ମାଫିଆମାନେ ପ୍ରଶାସନିକ ଅଧିକାରୀମାନଙ୍କୁ ହାତବାରିସ କରି ବେଆଇନ ଭାବେ ହାଇୱା ଓ ଟ୍ରାକ୍ଟର ଯୋଗେ କ୍ଷମତାଠାରୁ ଅଧିକ ପରିମାଣରେ ବାଲି ପରିବହନ କରିବା ଦ୍ୱାରା ଅଞ୍ଚଳର ସମସ୍ତ ରାସ୍ତାଘାଟ ଖୁବ୍‌ଶୀଘ୍ର ଭାଙ୍ଗିରୁଜି ନଷ୍ଟ ହୋଇଯାଇ ଜନସାଧାରଣଙ୍କ ଯାତାୟତରେ ବାଧକ ସୃଷ୍ଟି କରୁଛି। ଏଥିସହିତ ବିଭିନ୍ନ ପଞ୍ଚାୟତରେ ବାଲିମାଫିଆମାନେ ଗ୍ରାମ ରାସ୍ତା କଡ଼ରେ ବାଲି ଗଦା କରି ରଖି ବର୍ଷସାରା ବାଲି ବେପାରରେ ମାତିଛନ୍ତି। ଅନ୍ୟପକ୍ଷରେ ବାଲିମାଫିଆମାନେ ବର୍ଷାଋତୁରେ ନଦୀରେ ପାଣିଆସି ବାଲି ସୈରାତ ବନ୍ଦ ହୋଇଯିବା ଆଶଙ୍କାରେ ରାସ୍ତା କଡ଼ରେ ଥିବା ସରକାରୀ ଓ ବେସରକାରୀ ଜାଗାରେ ପରବର୍ତ୍ତୀ ସମୟରେ ବିକ୍ରି ଉଦ୍ଦେଶ୍ୟରେ ବାଲି ଗଦା କରି ରଖୁଛନ୍ତି। ଏହି ବାଲି ରାସ୍ତା ଉପରକୁ ଆସି ରାସ୍ତାରେ ଯାଉଥିବା ବାଇକ୍ ଆରୋହୀମାନଙ୍କୁ ଦୁର୍ଘଟଣାର ସମ୍ମୁଖିନ କରାଉଛି। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତରେ। ଏହି ପଞ୍ଚାୟତର ଅରିଓ ଗ୍ରାମର ଛକ ନିକଟରେ ଜନୈକ ବାଲି ମାଫିଆ ବାଲି ଗଦା କରି ବେପାର କରୁଥିବା ବେଳେ ସ୍ଥାନୀୟ ଲୋକମାନେ ନାନା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଏଠାରେ ବାଲି ରାସ୍ତା ଉପରକୁ ଖସିଆସିବା ଫଳରେ ଏହି ରାସ୍ତାରେ ଗତକାଲି ଓ ଦୁଇଦିନ ତଳେ ଦୁଇଜଣ ବାଇକ ଆରୋହୀ ପଡ଼ି ଗୁରୁତର ଆହତ ହୋଇଛନ୍ତି। ଗ୍ରାମବାସୀମାନେ ରାସ୍ତା କଡ଼ରୁ ବାଲି ଉଠାଇ ଦେବା ପାଇଁ ସମ୍ପୃକ୍ତ ବ୍ୟକ୍ତି ଜଣକୁ ଯେତେ କହିଲେ ମଧ୍ୟ ସେ ଶୁଣୁନଥିବାରୁ ଆଜି ଗ୍ରାମବାସୀମାନେ ବାଧ୍ୟ ହୋଇ ତହସିଲ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଆଜି ପଞ୍ଚାୟତର ଅଭିଜିତ୍ ସିଂ, ଗତିକୃଷ୍ଣ ମହାନ୍ତି, ଅକ୍ଷୟ ସାମଲ, ଶରତ କୁମାର ବେହେରା ପ୍ରମୁଖ ଡେରାବିଶ ତହସିଲଦାରଙ୍କ ନିକଟରେ ପହଞ୍ଚି ଅଭିଯୋଗ କରିଛନ୍ତି। ସେମାନେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଏହି ପଞ୍ଚାୟତର କେତେକ ମୁଷ୍ଟିମେୟ ବ୍ୟକ୍ତି ତାଙ୍କ ଅଞ୍ଚଳରୁ ପ୍ରତିଦିନ ଟ୍ରାକ୍ଟର ଓ ଜେସିବି ସହାୟତାରେ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ଥାନରୁ ମାଟି ତାଡ଼ି ବିକ୍ରି କରୁଥିବା ବେଳେ ବାଲି ମାଫିଆମାନେ ମଧ୍ୟ ରାସ୍ତା କଡ଼ରେ ବାଲି ରଖି ବ୍ୟବସାୟ କରିବା ଦ୍ୱାରା ସ୍ଥାନୀୟ ଜନସାଧାରଣ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ତହସିଲ ପ୍ରଶାସନ ପକ୍ଷରୁ ଏମାନଙ୍କ ପ୍ରତି କଡ଼ା ଅଭିମୁଖ୍ୟ ଗ୍ରହଣ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

**ତହସିଲଦାରଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ**

## ଜମିବାଡ଼ି ବିବାଦରୁ ବୃଦ୍ଧାଙ୍କୁ ପିଟି ପିଟି ହତ୍ୟା

**● ଅଭିଯୁକ୍ତ ଗିରଫ, ବଢୁଛି ଉତ୍ତେଜନା**

କେନ୍ଦ୍ରାପଡ଼ା, ୨୯।୬(ସମିସ): ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ବୃଦ୍ଧାକୁ ବିଭତ୍ସ ଭାବେ ହତ୍ୟା କରାଯାଇଛି। ଏହିଭଳି ଦୁଃଖଦ ଘଟଣା ଘଟିଛି କେନ୍ଦ୍ରାପଡ଼ା ସଦର ଥାନା କଓସାର ପଞ୍ଚାୟତର ସାହାସପୁର ଗ୍ରାମରେ। ମୃତକ ହେଲେ ହେମଲତା ସେଠୀ(୭୦)। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଏହି ଦଳିତ ବୃଦ୍ଧାଙ୍କୁ ପିଟିପିଟି ହତ୍ୟା କରାଯାଇଛି। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ହତ୍ୟାକାଣ୍ଡରେ ସମ୍ପୃକ୍ତ ସେହି ଗ୍ରାମର ଅଭିରାମ ମହାପାତ୍ରଙ୍କୁ ଗିରଫ କରିଥିବା ବେଳେ ପରିବାରର ଅନ୍ୟ ସଦସ୍ୟମାନେ ଫେରାର୍ ହୋଇଯାଇଛନ୍ତି। ଏହିଭଳି ବିଭତ୍ସ ହତ୍ୟାକାଣ୍ଡକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସଦର ଥାନା ଓ ଟାଉନ ଥାନା ପୁଲିସ ସହିତ ଏସ୍‌ଡିପିଓଙ୍କ ସମେତ ଗାଁରେ ପୁଲିସ ଛାଉଣୀ ହୋଇଛି।

ଅଭିଯୋଗ ମୁତାବକ, ମୃତ ହେମଲତାଙ୍କ ପଡୋଶୀ ହେଉଛନ୍ତି ଅଭିଯୁକ୍ତ ଅଭିରାମ। ତେବେ ହେମଲତାଙ୍କ ପରିବାର ଲୋକ ନିଜ ଘର ପାଖରେ ଥିବା ଏକ ଜମିରେ ଘର ନିର୍ମାଣ କରୁଛନ୍ତି। ସେହି ଜମିର ସମ୍ମୁଖ ଭାଗରେ ସରକାରୀ ଜାଗା ରହିଛି। ଏହି ଜାଗାକୁ ନେଇ ଉଭୟ ପରିବାର ମଧ୍ୟରେ ଦୀର୍ଘବର୍ଷ ହେବ ଦ୍ୱନ୍ଦ୍ୱ ଲାଗି ରହିଥିଲା। ଅଭିରାମଙ୍କ ପରିବାର ଲୋକ ସେହି ଜମିରେ ଘର କରି ଭଡ଼ା ଦେଇଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ହେମଲତାଙ୍କ ପରିବାର ଲୋକ ନିର୍ମାଣ କରୁଥିବା ଘରକୁ ଯିବାକୁ ସରକାରୀ ଜାଗାରେ ମାଟି ପକାଉଥିଲେ। ଗତକାଲି ଗୋଟିଏ ଟ୍ରିପ୍ ମାଟି ପକାଇଥିବା ବେଳେ ଆଜି ଆଉ ଗୋଟିଏ ଟ୍ରିପ୍ ମାଟି ପଡୁଥିଲା। ଏହାକୁ ଅଭିରାମଙ୍କ ପରିବାର ଲୋକେ ବିରୋଧ କରିଥିଲେ। ଏହାକୁ କେନ୍ଦ୍ର କରି ଆଜି ହେମଲତାଙ୍କ ପରିବାର ସହିତ ପାଟିତୁଣ୍ଡ ହୋଇଥିଲା। ପରେ ଏହା ଉଗ୍ରରୂପ ନେବାସହ ଅଭିରାମ ଓ ତାଙ୍କ ଭାଇ ଅର୍ଜୁନୀଙ୍କ ସହିତ ପୁଅମାନେ ଅଚାନକ ହେମଲତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ଘରଦ୍ୱାର ଭଙ୍ଗାରୁଜା କରିଥିଲେ। ଆଜବେଷ୍ଟ ଘର ସହିତ ଘରର ବିଭିନ୍ନ ଆସବାବପତ୍ର ଭାଙ୍ଗି ଦେଇଥିଲେ। ଏହାକୁ ହେମଲତା ବିରୋଧ କରିବାରୁ ତାଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତଙ୍କ ପରିବାର ସଦସ୍ୟ ଏକ ଜିଆଇ ପାଇପ୍‌ରେ ପିଟିପିଟି ବୃଦ୍ଧାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକଙ୍କ ବୋହୂ ବିନି ସେଠୀ ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପୁଲିସ ଅଭିଯୋଗକୁ ଭିତ୍ତିକରି ଅଭିରାମଙ୍କୁ ଥାନାକୁ ଉଠାଇ ନେଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେପଟେ ଏହି ଘଟଣାକୁ କେନ୍ଦ୍ର କରି ଗାଁରେ ତୀବ୍ର ଉତ୍ତେଜନା ଲାଗି ରହିଛି। କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ସଦର ଥାନାଧିକାରୀ ସରୋଜ ସାହୁ, ଟାଉନ ଥାନାଧିକାରୀ ଦିଲ୍ଲୀପ ସାହୁଙ୍କ ସମେତ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

## ଗୀତି ଗଙ୍ଗୋତ୍ରୀର ପ୍ରତିଭା ଅନ୍ୱେଷଣ ଓ ସମ୍ବର୍ଦ୍ଧନା ଉତ୍ସବ



ଡେରାବିଶ, ୨୯।୬(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲୀ ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ସଭାକକ୍ଷରେ 'ଗୀତି ଗଙ୍ଗୋତ୍ରୀ'ର ପ୍ରତିଭା ଅନ୍ୱେଷଣ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ତ୍ରୈମାସିକ ଓଡ଼ିଆ ଗୀତିକବିତା ପତ୍ରିକା ଗୀତି ଗଙ୍ଗୋତ୍ରୀ ତଥା ଗୀତି ଭାରତୀ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ଛାତ୍ର ପ୍ରତିଭା ଅନ୍ୱେଷଣ ପ୍ରକ୍ରିୟାରେ ୨୦୨୩ ମସିହାରେ ଅନୁଷ୍ଠିତ ହୋଇଥିବା ଡେରାବିଶ ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱବିଜୟ ଦାସ ସଭାପତିତ୍ୱ କରିଥିବା ବେଳେ ନ୍ୟାସନାଲ ଇନ୍ସୁରାନ୍ସ ଲିମିଟେଡ୍‌ର ଅବସରପ୍ରାପ୍ତ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଡଃ ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ସାହିତ୍ୟିକ ମୃତ୍ୟୁଞ୍ଜୟ ପଣ୍ଡା ମୁଖ୍ୟବକ୍ତା ଏବଂ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ଉପସଭାପତି ଅମ୍ବିକା ପ୍ରସାଦ ରଥ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ପରିବେଶବିତ୍ ଜେନାମଣି ବଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିବି ମଡ଼େଲ ହାଇସ୍କୁଲର ସୁଦର୍ଶନ ପଣ୍ଡାଙ୍କୁ ପ୍ରଥମ ଓ ଜିଜ୍ଞାସା ମିଶ୍ରଙ୍କୁ ଦ୍ୱିତୀୟ ଏବଂ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର କାଜଲ ପ୍ରିୟଦର୍ଶିନୀ ରାଉତଙ୍କୁ ତୃତୀୟ, ଶୋଭମୟୀ ପାଢ଼ୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିବି ମଡ଼େଲ ହାଇସ୍କୁଲର ୨୦୨୩ ମସିହାରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ପ୍ରତୀକ ରଞ୍ଜନ ଦାସ ଓ ୨୦୨୪ ମସିହାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଜିଜ୍ଞାସା ମିଶ୍ରଙ୍କୁ ଅତିଥିମାନଙ୍କ କରକମଳରେ ପୁଷ୍ପଗୁଚ୍ଛ, ଉପଢ଼ୌକନ, ମାନପତ୍ର ଓ ସ୍ମାରକୀ ପ୍ଲେଟମାନ ପ୍ରଦାନ କରାଯାଇଥିଲା। ଗୀତି ଭାରତୀ ତଥା ଗୀତି ଗଙ୍ଗୋତ୍ରୀର ମୁଖ୍ୟ ପ୍ରାଧ୍ୟାପକ ଅଜୟ କୁମାର ମହାନ୍ତି ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଧନ୍ୟବାଦ ଦେବା ସହ ଆସନ୍ତା ବର୍ଷ ଠାରୁ ବିବି ମଡ଼େଲ ହାଇସ୍କୁଲର ମାଟ୍ରିକ ପରୀକ୍ଷାରେ ଏ-୧ରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଙ୍କୁ ଏକ ହଜାର, ବ୍ଲକ ସ୍ତରରେ ଟପ୍ପର ହେଲେ ଦୁଇ ହଜାର, ଜିଲ୍ଲାସ୍ତରରେ ଟପ୍ପର ହେଲେ ପାଞ୍ଚ ହଜାର ଓ ରାଜ୍ୟସ୍ତରରେ ଟପ୍ପର ହେଲେ ଦଶ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପୁରାତନ ଛାତ୍ର ଗୋପାଳ ପ୍ରସାଦ ରଥ, ଧରଣୀଧର ଦାଶ, ଗୌତମ ପ୍ରସାଦ ପରିଡ଼ା, ରମେଶ ଚନ୍ଦ୍ର ନାୟକ, ରାୟଗୁରୁ ଅଶୋକ ମହାପାତ୍ର, ରାଜକିଶୋର ମିଶ୍ର, ବାବାଜୀ ଚରଣ ଲେଙ୍କା, ହିରେନ କୁମାର ମହାନ୍ତି, ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ଓ କର୍ମଚାରୀ ମଳୟ କୁମାର ରଥ ପରିଚାଳନା କରିଥିଲେ।

## ଗଣେଶ୍ୱରଙ୍କ ଧନ୍ୟବାଦ ଶୋଭାଯାତ୍ରା



ପଟ୍ଟାମୁଣ୍ଡାଇ, ୨୯।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଞ୍ଚାୟତରେ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ଗଣେଶ୍ୱର ବେହେରାଙ୍କ ଧନ୍ୟବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ବିଜୟ ପରେ ଜନସାଧାରଣଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇବା ପାଇଁ ଆୟୋଜିତ ଏହି ଶୋଭାଯାତ୍ରା ନରସିଂହପୁର ପଞ୍ଚାୟତର ଅଢାଖଣ୍ଡ-ମଠସାହିଠାରୁ ଆରମ୍ଭ ହୋଇଥିଲା। ଶୋଭାଯାତ୍ରାରେ ଜିଲ୍ଲାପରିଷଦ ସଭ୍ୟା ଜୋତିର୍ମୟୀ ବେହେରା, ନରସିଂହପୁର ସମିତିସଭ୍ୟା ରାଜଲକ୍ଷ୍ମୀ ବେହେରାଙ୍କ ସମେତ ବିଜୁଜନତା ଦଳର ନେତା, କର୍ମୀମାନେ ଯୋଗଦେଇ ବିଧାୟକଙ୍କୁ ବିରାଟ ଶୋଭାଯାତ୍ରାରେ ପ୍ରତି ଗାଁ ବୁଲାଇ ଲୋକମାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରିଥିଲେ। ନରସିଂହପୁର ପଞ୍ଚାୟତର ଅଠରବାଟିଆ, ଅଇନିପଡ଼ା, ପଛପଡ଼ା ନରସିଂହପୁର, ଗଙ୍ଗାରାମପୁର ଗ୍ରାମମାନଙ୍କରେ ମହିଳାମାନେ ପୁଷ୍ପଗୁଚ୍ଛ ଦେଇ ବିଧାୟକଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ଗାଁ ପରିକ୍ରମା କରିବା ପରେ ଶୋଭାଯାତ୍ରା ଠାକୁରାଣୀ ମା' ଛୁଆଳିଆଙ୍କ ପିଠରେ ପହଞ୍ଚିଥିଲା। ଏହି କୃତଜ୍ଞତା ଓ ଧନ୍ୟବାଦ ଶୋଭାଯାତ୍ରାରେ ପଞ୍ଚାୟତ ବିଜେଡି ସଭାପତି ତପରଞ୍ଜନ ବେହେରା, ସୁଶାନ୍ତ ରାଉତ, ଶଶିଭୂଷଣ ବଶ୍ୱାଳ ସୁନାକର୍ ବେହେରା, ଗୋପିନାଥ ମଳିକ, ଧୀରେନ୍ଦ୍ର ମଲ୍ଲିକ, ସଞ୍ଜିତ ବେହେରା, ଅମୂଲ୍ୟ ପ୍ରଧାନ, ଅବିନାଶ ଲେଙ୍କା, ଆଲୋକ ଧଳ, ସନାତନ ବିଶ୍ୱାଳ, ଲକ୍ଷ୍ମୀଧର ବାରିକଙ୍କ ସମେତ ବହୁ ବିଜେଡିନେତା, କର୍ମକର୍ତ୍ତା ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣ ସାମିଲ ହୋଇଥିଲେ।

## କେନାଲ ଭିତରେ ଘଳିଆ ; ବୁଡ଼ିବ ଚାଷଜମି

**● ଅଭିଯୋଗ ପରେ ବି ଶୁଣୁନି ପ୍ରଶାସନ**



ଗରଦପୁର, ୨୯।୬ (ସମିସ): କେନାଲରେ ଏକ ବଡ ଘଳିଆ। ଚାଷ ଜମିକୁ ପାଣି କେମେତି ପହଞ୍ଚିବ ସେନେଇ ଚାଷୀ ଏବେ ଚିନ୍ତାରେ। ଏମିତିକି ଘଳିଆ ପଡ଼ିଥିବା ସ୍ଥାନକୁ ଲାଗିଥିବା ଜମିଗୁଡ଼ିକ ବୁଡ଼ିଯିବ। ଏହାଛଡ଼ା ଅନ୍ୟ ଜମିକୁ ପାଣି ପହଞ୍ଚିପାରିବ ନାହିଁ ବୋଲି ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଏହିଭଳି ଏକ ଦୃଶ୍ୟ ବ୍ରହ୍ମପୁର ମଳିକସାହି ନିକଟରୁ ଭଦାଳକୁ ଯାଇଥିବା କେନାଲ ମଝିରେ ଏକ ବଡ ଘଳିଆ ଦେଖିବାକୁ ମିଳିଛି। ତୁରନ୍ତ ଏହାକୁ ମରାମତି କରିବାକୁ ଚାଷୀ ଗଗନ ପଣ୍ଡା, ସମାଜସେବୀ ନବାବ ପଣ୍ଡା ଏବଂ ଜାନକୀକାନ୍ତ ମହାପାତ୍ର ଦାବି କରିଛନ୍ତି।

## କାଜିପୁର ଗ୍ରାମ ରାସ୍ତାର ଶିଳାନ୍ୟାସ



ଡେରାବିଶ, ୨୯।୬(ସମିସ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ-ଗୋଲରାହାଟ ଆରଆଣ୍ଡବି ରାସ୍ତାର ପଲେଇ କମାରଶାଳ ଛକରୁ କାଜିପୁର ଗ୍ରାମକୁ ଥିବା ରାସ୍ତା ନିର୍ମାଣର ଆଜି ଶିଳାନ୍ୟାସ ହୋଇଯାଇଛି। ଏହି ୪୦୦ ମିଟର ରାସ୍ତା ଦେଇ ପଲେଇ ପଞ୍ଚାୟତର କାଜିପୁର, ସବଳଙ୍ଗ, କଣିପଡ଼ା ଓ ଚାନ୍ଦୋଳ ପଞ୍ଚାୟତର କୋହ୍ଲା ଏବଂ ଓରଗଳା ଗ୍ରାମର ଲୋକମାନେ ଯାତାୟତ କରିଥାନ୍ତି। କିନ୍ତୁ ଏହି ରାସ୍ତାଟି ମୋହରମ ବିଛା ରାସ୍ତା ହୋଇଥିବାରୁ ବର୍ଷାଦିନେ ରାସ୍ତାସାରା ଖାଲଖମା ହୋଇ ଯାତାୟତରେ ବାଧକ ସୃଷ୍ଟି କରିଥାଏ। ଏହି ରାସ୍ତାକୁ ଢଳେଇ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଆଜି ଏହି ୪୦୦ ମିଟର ଦୈର୍ଘ୍ୟ ରାସ୍ତାଟିର ନିର୍ମାଣ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗ ନେଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ପଲେଇ ପଞ୍ଚାୟତର ସରପଞ୍ଚ ଅାୟ କୁମାର ସାହୁ, ସମିତିସଭ୍ୟ ତୃପ୍ତିମୟୀ ଜେନା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ସମୟରେ ସମାଜ ସେବୀ ରତ୍ନାକର ପରିଡ଼ା, ଯୁବ ସାମ୍ବାଦିକ ଦିଲ୍ଲିପ ମହାନ୍ତି, ପ୍ରଦୀପ କୁମାର ସାହୁ, ରତିକାନ୍ତ ଶର୍ମା, ଶୁଭେନ୍ଦୁ ଲେଙ୍କା, ସୁଦିପ୍ତ କୁମାର ପରିଡ଼ା, ଯଦୁମଣି ଦାସ, ଶତ୍ରୁଘ୍ନ ବାରିକ, ତୃପ୍ତିରନ ପରିଡ଼ା, ମଙ୍ଗୁଳି ଓଝା, ରାଧାଶ୍ୟାମ ଭୋଇ ଓ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ରାସ୍ତା ପାଲଟିଛି ମରଣଯନ୍ତା

## ଧସିଲାଣି ମାଟି; ଫମ୍ପା ରାସ୍ତାରେ ଚାଲିଛି ଗାଡ଼ି



ଗରଦପୁର, ୨୯।୬(ସମିସ): କେତେବେଳେ କାହାର ଜୀବନ ଯିବ କେହି କହିପାରିବେନି। ଛୋଟ ଛୋଟ ଗାଡି ଯାଉଥିବାରୁ ଫମ୍ପା ରାସ୍ତା ସମ୍ଭାଳି ଦେଉଛି। ଯଦି କେଉଁଦିନ ଏକ ବଡ ଯାତ୍ରୀବାହୀ ଗାଡି ଏହି ଫମ୍ପା ରାସ୍ତାରେ ଗଲା ତେବେ କ'ଣ ହେବ କେତେ ଜୀବନ ଯିବ କେହି କହିପାରିବେନି। ଏହିଭଳି ଏକ ଦୃଶ୍ୟ ଗରଦପୁରରୁ ପନ୍ଦିଆ ପର୍ଯ୍ୟନ୍ତ ହୋଇଥିବା ନୂତନ ବ୍ରିଜ କଡ ରାସ୍ତାରେ ଦେଖିବାକୁ ମିଳିଛି। ଗରଦପୁର ଆଡୁ ବ୍ରିଜ ଆରମ୍ଭରୁ ଭଦାଳ ଆଡ଼କୁ ଯିବା ରାସ୍ତା ଆରମ୍ଭରେ ଏହିଭଳି ଏକ ଫମ୍ପା ରାସ୍ତା ଦେଖିବାକୁ ମିଳିଛି। ରାସ୍ତା ଭିତରେ ମାଟି ନଥିବାବେଳେ କେବଳ ପିଚୁ ଛିଡ଼ା ହୋଇଛି। ଛୋଟ ଛୋଟ ଗାଡି ଯାଉଥିବାରୁ ଲୋକେ ଅଳ୍ପକେ ବର୍ତ୍ତି ଚାଲିଯାଉଛନ୍ତି। ଯଦି କେବେ ବଡ ଗାଡ଼ି ଗଲା ତେବେ ଦୁର୍ଘଟଣାକୁ କେହି ଏଡାଇପାରିବେ ନାହିଁ ବୋଲି ସ୍ଥାନୀୟ ସମାଜସେବୀ ଦିଲ୍ଲୀପ ଶୁକ୍ଲ କହିଛନ୍ତି। ତେବେ ଏନେଇ ଦିଲ୍ଲୀପ ବ୍ଲକ ତଥା ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ସେ କହିଛନ୍ତି। ଯଦି କାହାର ଜୀବନ ଯାଏ ତେବେ ଏଥିପ୍ରତି ସମ୍ପୂର୍ଣ୍ଣ ପ୍ରଶାସନ ଦାୟୀ ରହିବ ବୋଲି ସେ ଚେତାଇ ଦେଇଛନ୍ତି।

## ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ

ଗୋବିନ୍ଦପୁର, ୨୯।୬(ସମିସ): ଆଳି ବ୍ଲକ ଦେସାହି ପଞ୍ଚାୟତ ପରମାନନ୍ଦପୁର ଗ୍ରାମରେ ଶନିବାର ସନ୍ଧ୍ୟାରେ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାମଲ, ମୁଖ୍ୟବକ୍ତା ଅଧ୍ୟାପକ ଶ୍ରୀକାନ୍ତ ନାୟକ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଗଦାଧର ପଢ଼ିହାରୀ, ରମାକାନ୍ତ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାରସ୍ୱତ ବ୍ୟକ୍ତିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିସଭ୍ୟ ସନ୍ତୋଷ ବେହୁରିଆ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଜେନା, ନାରାୟଣ ଚନ୍ଦ୍ର ଦାସ, ଭାରତ ଭୂଷଣ ମଲିକ, ପଦ୍ମନାଭ ନାୟକ, ଅମ୍ବିକା ପ୍ରସାଦ ସାମଲ, ଦିଲୀପ କୁମାର ସାମଲ, ରାମଚନ୍ଦ୍ର ସାହାଣୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ଜିତେନ୍ଦ୍ର ବେହେରା ଓ ଖଗେଶ୍ୱର ସାହୁଙ୍କ ସଂଯୋଜନାରେ କବି ରମାକାନ୍ତ ସାହାଣୀ, କୈଳାସ ଚନ୍ଦ୍ର ବେହୁରିଆ, ସନ୍ତୋଷ କୁମାର ରାଉତ, ବିଭୂତି ଭୂଷଣ ରାୟ, କେଶଲି ସାମଲଙ୍କ ସମେତ ବହୁ କବି କବିତା ପାଠ କରିଥିଲେ। ଶିକ୍ଷାବିତ ବିଷ୍ଣୁଚରଣ ସାହାଣୀ ଓ ଧର୍ମପତ୍ନୀ ଆଶାଲତା ସାହାଣୀଙ୍କ ପାଇଁ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# କାକଟ-ଦାନପୁର କେନାଲବନ୍ଧ ରାସ୍ତା ଶୋଚନୀୟ



କେନ୍ଦ୍ରାପଡ଼ା, ୨୯।୬(ସମିସ): କାକଟ- ଦାନପୁର କେନାଲବନ୍ଧ ଆର.ଡି. ରାସ୍ତା ଗମନାଗମନ ପାଇଁ ଅତ୍ୟନ୍ତ ଅନୁପଯୁକ୍ତ ହୋଇପଡ଼ିଛି। ଖାଲଖମାରେ ପରିପୂର୍ଣ୍ଣ ହୋଇପଡ଼ିଥିବା ଏହି ରାସ୍ତାଟିରେ ଦୈନିକ ଦୁର୍ଘଟଣାମାନ ଘଟି ଧନଜୀବନ ହାନୀ ହେଉଥିବା ଦେଖାଯାଇଛି। ପୂର୍ବରୁ ଜଳସେଚନ ବିଭାଗ ଅଧିନରେ ଥିବା ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ(ଆର.ଡି.) ବିଭାଗକୁ ହସ୍ତାନ୍ତର ହେବା ପରେ ପ୍ରାୟ ୧୦ବର୍ଷ ତଳେ କାକଟ ଠାରୁ ଦାନପୁର ପର୍ଯ୍ୟନ୍ତ ପିଚୁ କରାଯାଇଥିଲା। କିନ୍ତୁ ନିମ୍ନମାନର କାର୍ଯ୍ୟ ହୋଇଥିବା ଦୃଷ୍ଟିରୁ ଏହି ରାସ୍ତାଟି ଅଧିକ ଦିନ ଭଲ ଅବସ୍ଥାରେ ରହିଲା ନାହିଁ। ସେହି ବର୍ଷ ଠାରୁ ପ୍ରତିବର୍ଷ ଏହି ରାସ୍ତାକୁ ମରାମତି କରାଯିବା ନାମରେ ଗ୍ରାମ୍ୟ ଉନ୍ନୟନ (ଆର.ଡି.) ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କାର ବିଲ କରାଯାଉଥିବା ବେଳେ ରାସ୍ତାଟି କିନ୍ତୁ ଗମନାଗମନ ପାଇଁ ଅନୁପଯୁକ୍ତ ହୋଇପଡଛି। ଏହି ରାସ୍ତା ଦେଇ କେନ୍ଦ୍ରାପଡ଼ା ବ୍ଲକର ଚକ୍ରୋଡା, ଭରତପୁର, ଶ୍ୟାମସୁନ୍ଦରପୁର, ଭାଗବତପୁର ପଞ୍ଚାୟତ ସମେତ ଡେରାବିଶ ବ୍ଲକର ଦାନପୁର, ମୁକୁନ୍ଦପୁର, ଜଆଁରାବାରିମୂଳ, ହରିଅଙ୍କ ଓ ଇନ୍ଦାଲୋ ଏବଂ ଗରଦପୁର ବ୍ଲକର ନଡିଆବରେଇ, ଭଗବାନପୁର, ବଙ୍ଗାଳପୁର ଓ ମାର୍ଶାଘାଇ ବ୍ଲକର ଜଳପୋକ ପ୍ରଭୃତି ପ୍ରାୟ ୧୩ଟି ଗ୍ରାମପଞ୍ଚାୟତର ୫ହଜାରରୁ ଉର୍ଦ୍ଧ୍ୱର୍ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକମାନେ ଜିଲ୍ଲା ସଦରମହକୁମାକୁ ଯାତାୟତ କରିଥାନ୍ତି। ରାସ୍ତାଟିର ଦୁରାବସ୍ଥା ଯୋଗୁଁ ଦୈନିକ ଏହି ରାସ୍ତାରେ ଦୁର୍ଘଟଣାମାନ ଘଟି ଧନଜୀବନ ହାନୀ ହେବା ସହିତ ଯାତାୟତରେ ଗୁରତର ବାଧା ସୃଷ୍ଟି ହେଉଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଏହି ରାସ୍ତାର ଆବଶ୍ୟକ ନିର୍ମାଣ ଓ ମରାମତି ନିମନ୍ତେ ବିଭାଗୀୟ ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ରାସ୍ତାଟିର ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇନଥିବା ଦେଖାଯାଇଛି। ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ପୂର୍ବତନ ସରପଞ୍ଚ ବସନ୍ତ କୁମାର ରାଉତ, ଶାରଦା ପ୍ରସନ୍ନ ରାଉତ, ଚିତ୍ତରଞ୍ଜନ ଦାସ, ଶିବପ୍ରସାଦ ବିଶ୍ୱାଳ, ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ବାଇକ୍‌ରୁ ପଡ଼ି ୩ ଗୁରୁତର

**ଛେଣ୍ଡିପଦା,୨୯।୬(ସମିସ):** ଛେଣ୍ଡିପଦା ବ୍ଲକ ସୀମାନ୍ତ ବୁଢ଼ାପାଳ ନିକଟସ୍ଥ ପରା ଗ୍ରାମର ସୀମାଯୋରି ନିକଟରେ ବାଇକରୁ ପଡ଼ି ଦୁଇଜଣ ଆହତ ହେବା ସଙ୍ଗେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଆଜି ସକାଳ ୧୧ଟା ସମୟରେ କଣିହାଁ ଅଞ୍ଚଳର ମଣ୍ଡୁଆ ଗ୍ରାମର ଶମ୍ଭୁନାଥ ବେହେରା ( ୩୫), ତାଙ୍କ ଝିଅ ପୂଜା ବେହେରା ( ୧୧) ଓ ପୁତୁରା ଅମର ବେହେରା ( ୨୩) ସହିତ ଏକ କଳା ପଲସର୍ ବାଇକ (ଓଡ଼ି ୧୯ ଇ ୪୬୩୩) ଯୋଗେ ବୁଢ଼ାପାଳ ଆଡୁ ନିଜ ଘର ମଣ୍ଡୁଆ ଆଡ଼କୁ ଯାଉଥିଲେ । ସୀମାଯୋରି ନାଳ ନିକଟରେ ହଠାତ୍ ରାସ୍ତା ଉପରକୁ ଛେଳି ପଲ ଆସିଯିବାରୁ ଭାରସାମ୍ୟ ହରାଇ ବାଇକଟି ରାସ୍ତା ତଳକୁ ଖସିପଡ଼ିଥିଲା । ଫଳରେ ତିନିଜଣ ଆହତ ହୋଇ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିଲେ । ସିଆଇଡି ଇନ୍ସପେକ୍ଟର ତପନ କୁମାର ନାୟକ ନିଜ ଗାଡ଼ିରେ ସେମାନଙ୍କୁ ଡାକ୍ତରଖାନା ପହଞ୍ଚାଇଥିଲେ । ତେବେ ଶମ୍ଭୁନାଥ ଓ ତାଙ୍କ ଝିଅ ପୂଜା ପରା ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇଥିବା ବେଳେ ଅମରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଛେଣ୍ଡିପଦା ଡାକ୍ତରଖାନାକୁ ପଠାଇ ଦିଆଯାଇଛି । ବର୍ତ୍ତମାନ ଆହତ ତିନିଜଣ ସୁସ୍ଥ ଥିବା ଜଣାପଡିଛି । ତେବେ ଆହତମାନଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ନେଇ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଯୋଗୁଁ ପୁଲିସ ଅଧିକାରୀ ତପନ କୁମାର ନାୟକଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଖୁବ୍ ପ୍ରଶଂସା କରୁଛନ୍ତି ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କିଶୋରନଗର, ୨୯।୬(ସମିସ):** କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତର ବଅଁରନାଳୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁଙ୍କୁ ଆଜି ସ୍କୁଲ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସିଆରସିସି ପ୍ରଫୁଲ୍ଲ କୁମାର ସିଂହ, ନଡା ସ୍କୁଲର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସାହୁ , ଶିକ୍ଷକ କିଶୋରଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ମାନସ ପ୍ରଧାନ ମାନପତ୍ର ପଠନ କରିଥିଲେ । ଶିକ୍ଷକ ଉଦିତ ସାହୁ ସଂଯୋଜନା କରିଥିଲେ । ଶ୍ରୀ ସାହୁ ନିଜ ଶିକ୍ଷକ ଜୀବନର ଅନୁଭୂତି ସମ୍ପର୍କରେ ବଖାଣି ଥିଲେ । ଏହି ଅବସରରେ ଶ୍ରୀ ସାହୁଙ୍କୁ ସ୍କୁଲ ତରଫରୁ ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଜନକଲ୍ୟାଣ କାର୍ଯ୍ୟ ପାଇଁ ଲଢେଇ ଜାରିରହିବ: ବ୍ରଜକିଶୋର

**କଣିହାଁ ,୨୯।୬(ସମିସ):** କଣିହାଁ ବ୍ଲକ ଅଞ୍ଚଳକୁ ଶନିବାର ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଗସ୍ତ କରିଥିଲେ । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କଣିହାଁ ପ୍ରଜାମଣ୍ଡଳ ଭବନଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦାନ କରି ଜନକଲ୍ୟାଣ କାର୍ଯ୍ୟରେ ଅବହେଳା ହେଲେ ଲଢ଼େଇ ଜାରି ରହିବ ବୋଲି କହିଥିଲେ । ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନ, ସମ୍ପାଦକ କ୍ଷୀରସିନ୍ଧୁ ସେଠୀ ପ୍ରମୁଖଙ୍କ ସହିତ ପବିତ୍ର ମୋହନ ହାଇସ୍କୁଲର ଆଲୁମିନା କମିଟି, ବିଭିନ୍ନ ଗ୍ରାମର କାର୍ଯ୍ୟକର୍ତ୍ତା, ଶ୍ରମିକ ସଂଗଠନର ନେତୃବୃନ୍ଦ ଉପସ୍ଥିତ ରହି ବିଧାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଜନସାଧାରଣଙ୍କ ବିଧାୟକ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ସରକାର ବଦଳିଛି ସତ, ଜନସାଧାରଣଙ୍କ ନ୍ୟାୟ ପାଇ ଲଢ଼େଇ ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ । କଣିହାଁ ବ୍ଲକରେ ଥିବା ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

## ରଘୁନାଥପୁର ଗ୍ରାମ ସମସ୍ୟାକୁ ନେଇ ଉପଜିଲ୍ଲାପାଳଙ୍କ ବୈଠକ



**ତାଳଚେର ସଦର, ୨୯।୬(ସମିସ):** ତାଳଚେର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ରଜନାଥପୁର ଗ୍ରାମପଞ୍ଚାୟତର ରଘୁନାଥପୁର ଗ୍ରାମର ଏମସିଏଲ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଉପସ୍ଥିତିରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା । ଉକ୍ତ ଗ୍ରାମଟି ଏମସିଏଲର ନିକଟବର୍ତ୍ତୀ ହୋଇଥିବାରୁ ଜଳସଙ୍କଟ ସମେତ ପ୍ରଦୂଷଣ, ଡିନାମାଇଟ ବିସ୍ଫୋରଣରେ ଘର ଭାଙ୍ଗିବା ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଲାଗି ରହିଛି । ତତ୍ ସହିତ ଉକ୍ତ ଗ୍ରାମକୁ ଲାଗି ରହିଥିବା ବୀରରାମଚନ୍ଦ୍ରପୁର ଏମସିଏଲ ଦ୍ୱାରା ଅଧିଗ୍ରହଣ ହୋଇଥିବା ବେଳେ ଏହି ଗ୍ରାମଟିକୁ ଛାଡ଼ି ଦିଆଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ତୁରନ୍ତ ଅଧିଗ୍ରହଣ କରିବାକୁ ବୈଠକରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଯଥାଶୀଘ୍ର ସମାଧାନ କରିବା ନେଇ ଉପଜଲ୍ଲାପାଳ ଏମସିଏଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

## ରାସ୍ତା କାମ ନିମ୍ନମାନର ଅଭିଯୋଗ



**ଆଠମଲ୍ଲିକ, ୨୯।୬(ସମିସ):** ଠାକୁରଗଡ଼ ରଣିଆ କଟାରୁ ଅଖର କଟା ପର୍ଯ୍ୟନ୍ତ ହେଉଥିବା ପୂର୍ତ୍ତ ବିଭାଗ ରାସ୍ତା ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ରାସ୍ତା କାର୍ଯ୍ୟ ଯଦିଓ ସମ୍ପୂର୍ଣ୍ଣ ହୋଇନାହିଁ କିନ୍ତୁ ପ୍ରଥମ ପରସ୍ତ ଚିପ୍ସ ପଡ଼ିଥିବା ବେଳେ ଅନେକ ସ୍ଥାନରେ ଚିପ୍ସ ଉଠିଯାଇ ରାସ୍ତାରେ ଗଡୁଥିବା ଦେଖାଯାଉଛି । ପିଚୁରୁ ଚିପ୍ସ ଉଠି ଯାଇଥିବାରୁ ଦୁଇଚକିଆ ଯାନ ଚାଲିବା କଷ୍ଟକର ହୋଇପଡୁଛି । ପାଞ୍ଚ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିମୟରେ ନିର୍ମିତ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆଗକୁ ବର୍ଷାଦିନ ଆସୁଥିବାରୁ ଅତିଶୀଘ୍ର ରାସ୍ତା କାର୍ଯ୍ୟ ସାରିବାକୁ ଗ୍ରାମବାସୀ ଦାବି କରୁଛନ୍ତି ।

### ଡ୍ରେନ୍ ସଫେଇକୁ ଦିଆଯାଉନି ଗୁରୁତ୍ୱ

# ରାସ୍ତାରେ ଲହଡ଼ି ମାରୁଛି ଆବର୍ଜନା ଜଳ



**ତାଳଚେର ସଦର , ୨୯।୬(ସମିସ):** ତାଳଚେର ପୌର ପରିଷଦର ୨୧ ଗୋଟି ୱାର୍ଡରେ ଲୋକମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ବିଶେଷକରି ଡ୍ରେନ ସମସ୍ୟା ଲୋକମାନଙ୍କ ନିଦ ହଜାଇ ଦେଇଛି । ବର୍ଷା ଯୋଗୁଁ ଲୋକଙ୍କ ଘରେ ଆବର୍ଜନା ପାଣି ପଶି ନାକେଦମ୍ କରିଛି । କେଉଁ ଠାରେ ଡ୍ରେନ ନଥିବା ବେଳେ ଆଉଁ କେଉଁଠାରେ ଡ୍ରେନ ରହିଛି । ସେଥିମଧ୍ୟରୁ ଡ୍ରେନ ଅଳିଆ ଆବର୍ଜନାରେ ଜାମ୍ ରହିଥିବା ବେଳେ ଆଉ କିଛି ଭାଙ୍ଗିରୁଜି ଯାଇଥିବାରୁ ବର୍ଷାଜଳ ରାସ୍ତାରେ ସୁଅ ଛୁଟୁଛି । ପୁନଶ୍ଚ ଏଥିମଧ୍ୟରୁ କେତେକ ଡ୍ରେନର ଗଭୀରତା କେଉଁଠି ୩ଫୁଟ୍ ହୋଇଥିବା ବେଳେ କେଉଁଠି ୪ ଫୁଟ୍ ରହିଛି । ମାତ୍ର ଏହା ଉପରେ ସ୍ଲାବ୍ ପକାଯାଇ ନଥିବାରୁ କୁନି କୁନି ପିଲାମାନଙ୍କ ପ୍ରତି ଏହା ବିପଦକୁ ଆମନ୍ତ୍ରଣ କରୁଛି । ବର୍ଷା ଦିନରେ ଏହି ଡ୍ରେନରେ ଖସିପଡ଼ିବାର ଆଶଙ୍କା ଦେଖାଦେଇଥାଏ । ଗତକାଲି ତାଳଚେର ଅଞ୍ଚଳରେ ଅସରାଏ ବର୍ଷା ହେବା ପରେ ସେହି ଡ୍ରେନରୁ ଅସନା ପାଣି ମିଶ୍ରିତ ବର୍ଷାଜଳ ମାଟି, ଗୋଡ଼ି, ଜରି, ପଲିଥିନ, ଗ୍ଲାସ, ବାଲି ଇତ୍ୟାଦି ରାସ୍ତାରେ ସୁଅ ଛୁଟି ଏକ ଅପ୍ରୀତିକର ପରିବେଶ ସୃଷ୍ଟି କରିଥିଲା । ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ମଧ୍ୟ ତାଳଚେର ପୌର ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନଥିବାକୁ ନେଇ ପୌରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଆଗକୁ ବର୍ଷା ପ୍ରବଳରୁ ପ୍ରବଳ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଉଛି । ମାତ୍ର ଏପର୍ଯ୍ୟନ୍ତ ଡ୍ରେନ ଗୁଡ଼ିକ ପୁନରୁଦ୍ଧାର କାର୍ଯ୍ୟ କରିବାକୁ ପୌର ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନଥିବା ବେଳେ କିଛି କିଛି ସ୍ଥାନମାନଙ୍କରେ ଡ୍ରେନ ନଥିବାରୁ ଅନ୍ତେବାସୀଙ୍କ ଘର ଭିତରକୁ ଅଳିଆ ଆବର୍ଜନାପୂର୍ଣ୍ଣ ରାସ୍ତା ପାଣି ଭିତରକୁ ପଶି ଯାଉଥିବା ଅଭିଯୋଗ ହେଉଛି । ସହର ମଧ୍ୟରେ ରହିଥିବା ଡ୍ରେନ ଗୁଡ଼ିକୁ ସଂଯୋଗୀକରଣ କରାଗଲେ ବୋଧହୁଏ ଏ ସମସ୍ୟାରୁ କିଛିକାଂଶରେ ଲୋକେ ଉପକୃତ ହୋଇପାରନ୍ତେ ବୋଲି କୁହାଯାଉଛି ।

## ହୋଟେଲରୁ ଶିଶୁ ଶ୍ରମିକ ଉଦ୍ଧାର

**ତାଳଚେର ସଦର, ୨୯।୬(ସମିସ):** ଶ୍ରମ ବିଭାଗ ପକ୍ଷରୁ ତାଳଚେର ଅଞ୍ଚଳର ବହ୍ଲର ଛକ ନିକଟରେ ଏକ ଢାବାରେ ଚଢ଼ଉ କରାଯାଇ ଜଣେ ଶିଶୁ ଶ୍ରମିକକୁ ଉଦ୍ଧାର କରାଯାଇଛି । ଶିଶୁ ଶ୍ରମିକ ଜଣକ ଅନେକ ଦିନ ହେବ ଏହି ଢାବାରେ ରହି କାର୍ଯ୍ୟ କରିଆସୁଥିଲା ଏବଂ ଏହାକୁ ଦେଖି ବହ୍ଲର ଅଞ୍ଚଳର କିଛି ଲୋକେ ଶ୍ରମ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତିକରି ଶ୍ରମ ବିଭାଗ ଅଧିକାରିଣୀ ପରମିତା ମିଶ୍ର ଓ ତାଙ୍କ ଟିମ୍ ସେହି ଢାବାରେ ଚଢ଼ଉକରି ଶିଶୁ ଶ୍ରମିକକୁ ଉଦ୍ଧାର କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ତାକୁ ସ୍ୱଧାର ଗୃହରେ ରଖାଯାଇଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି । ତେବେ ଢାବା ମାଲିକ ରଞ୍ଜନ ଲେଙ୍କାଙ୍କ ବିରୋଧରେ ଥାନାରେ ଏକ ଏତଲା ଦିଆଯାଇଛି ବୋଲି ଶ୍ରମ ବିଭାଗ ଅଧିକାରିଣୀ ଶ୍ରୀମତୀ ମିଶ୍ର ପ୍ରକାଶ କରିଛନ୍ତି । ତେବେ ଏତିକି ନୁହଁ, ବର୍ତ୍ତମାନ ତାଳଚେର ଅଞ୍ଚଳରେ ଥିବା ଢାବା, ହୋଟେଲ ସମେତ ବିଭିନ୍ନ ଘରୋଇ କାର୍ଯ୍ୟରେ ମଧ୍ୟ ଅନେକ ଶିଶୁ ଶ୍ରମିକ ପାଠଛାଡ଼ି ନିଜର ପେଟପାଟଣା ପାଇଁ ଗୋଟି ଖଟୁଥିବା ଅଭିଯୋଗ ହେଉଛି । ପ୍ରଶାସନ ପକ୍ଷରୁ ଏସବୁରେ ଚଢ଼ଉ କରାଯାଇ ପିଲାମାନଙ୍କ ଭବିଷ୍ୟତ ପ୍ରତି ଦୃଷ୍ଟିଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ତାଳଚେର ,୨୯ ।୬(ସମିସ):** ତାଳଚେର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ତେହେରାନପୁର ନୂଆସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ବିଶ୍ୱାଳ ଆଜି ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥପୁର ପଞ୍ଚାୟତର ସରପଞ୍ଚ ଶୁଭଶ୍ରୀ ଦେବତା ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ କ୍ଷୀରୋଦ ସାହୁ, ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ସରସ୍ୱତୀ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିନତୀ ବାରିକ, ୱାର୍ଡ ମେମ୍ବର ଧନଞ୍ଜୟ ସୋରେନ୍, ଅଭିଭାବକ ଅନିତା ସିଂ, ବୁଲା ସାହୁ ଉପସ୍ଥିତ ରହି ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକାଳ ଉପରେ ଆଲୋଚନା କରି ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଟ୍ରଫି ପ୍ରଦାନ ସହିତ କେକ୍ କାଟି ସମ୍ବର୍ଦ୍ଧନା ଦିଆଯାଇଥିଲା । ସେହିପରି ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା । ଶ୍ରୀମତୀ ବିଶ୍ୱାଳ ସମସ୍ତ ଛାତ୍ରଛାତ୍ରୀଙ୍କୁ କେକ୍ ଓ ମିଷ୍ଟାନ୍ନ ବଣ୍ଟାନ୍ନ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟିନୀ ପ୍ରଧାନ ସମ୍ବର୍ଦ୍ଧନା ସଭାକୁ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ସୁଜୟ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ଶ୍ରୀମତୀ ବିଶ୍ୱାଳ ପୂର୍ବରୁ ତାଳଚେର ବ୍ଲକର ଗୁରୁଜାଙ୍ଗ, ହାଣ୍ଡିଧୂଆ ଓ ଘଣ୍ଟପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ଦେଇ ଆସିଥିଲେ । ଏହି ଅବସରରେ ଶ୍ରୀମତୀ ବିଶ୍ୱାଳଙ୍କଠାରୁ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ସୁଜୟକୁମାରପଣ୍ଡା ଦାୟିତ୍ୱ ଗ୍ରହଣକରିଥିଲେ ।

## ପବିତ୍ର ମୋହନ ଚିକିତ୍ସାଳୟ ପରିଦର୍ଶନ କଲେ ଜିଲ୍ଲାପାଳ



**ତାଳଚେର ,୨୯ ।୬(ସମିସ):** ପବିତ୍ରମୋହନ ସରକାରୀ ଚିକିତ୍ସାଳୟ ଆରମ୍ଭ ହେବା ଦିନଠାରୁ ବହୁବିଧ ସମସ୍ୟା ଲାଗି ରହିଥିବାରୁ ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଖବର ପ୍ରକାଶ ପାଇବା ପରେ ଆଜି ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ. ଅକତାର ପରିଦର୍ଶନ କରିଥିବା ଜଣାପଡ଼ିଛି । ଉକ୍ତ ଚିକିତ୍ସାଳୟରେ ଆଜି ପର୍ଯ୍ୟନ୍ତ ରୋଗୀଙ୍କ ସଠିକଭାବେ ଚିକିତ୍ସା ହୋଇପାରିନାହିଁ । ଅଲଟ୍ରାସାଉଣ୍ଡ, ଡିଜିଟାଲ ଏକ୍ସରେ, ଆଇ ଡିଜିଟାଲ ସ୍ଲାଇଟ ଲ୍ୟାମ୍ପ ମେସିନ୍, ଏମଆରଆଇ, ଏଣ୍ଡୋସ୍କପି ମେସିନ୍, ସିଟିସ୍କାନ ମେସିନ୍ ନଥିବା ବେଳେ ଓଟି ସୁବିଧା ଆଜି ପର୍ଯ୍ୟନ୍ତ ହସ୍ତାନ୍ତର ହୋଇପାରିନାହିଁ ଓ ଅକ୍ସିଜେନ ପ୍ଲାଣ୍ଟ ଆଜି ପର୍ଯ୍ୟନ୍ତ ହସ୍ତାନ୍ତର କରାଯାଉନାହିଁ । ତେଣୁ ଏହାକୁ ନେଇ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଜିଲ୍ଲାପାଳ ଏ ସମ୍ପର୍କରେ ଉଚ୍ଚପଦାଧିକାରୀଙ୍କ ସହିତ ବିଚରାବିମର୍ଶ କରିଥିବା ଜଣାପଡ଼ିଛି । ତେବେ ଏମସିଏଲ ପକ୍ଷରୁ ପ୍ରାୟ ୫ଶହ କୋଟି ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ମେଡିକାଲ କଲେଜ ଏଠାରେ କେବେ ଆରମ୍ଭ କରାଯିବ, ଏହାକୁ ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିପାରି ନଥିବା ବେଳେ ସରକାରଙ୍କ ପକ୍ଷରୁ ଏହାର ଚେୟାରମ୍ୟାନ ଦାୟିତ୍ୱ ଅନୁଗୋଳ ଜିଲ୍ଲାପାଳଙ୍କୁ ଦିଆଯାଇଛି । ମାତ୍ର ଜିଲ୍ଲାପାଳ ଚେୟାରମ୍ୟାନ ଥିବା ସତ୍ତ୍ୱେ ମେିକାଲ କଲେଜର ଅଗ୍ରଗତି ସମ୍ବନ୍ଧରେ କୌଣସି ସୂଚନା ମିଳିପାରୁନାହିଁ ବୋଲି ତାଳଚେର ଅଞ୍ଚଳରେ ଏହାକୁ ନେଇ ମେିକାଲ କଲେଜ କାର୍ଯ୍ୟକ୍ଷମ ହେବ ନା ନାହିଁ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି ।

## ବିବାହ ବାର୍ଷିକ ଉପଲକ୍ଷେ ବୃକ୍ଷରୋପଣ

**କଣିହାଁ, ୨୯।୬(ସମିସ) :** ତାଳଚେର ଗଡ଼ଜାତ ଆନ୍ଦୋଳନର ଜନନାୟକ ସ୍ୱାଧୀନତା ସଂଗ୍ରାମୀ ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ନାତୁଣୀ ତଥା କଣିହାଁ ବ୍ଲକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ପ୍ରଧାନ ଓ ସ୍ୱାମୀ ସୁଧାକର ପ୍ରଧାନ ତାଙ୍କର ୫୦ତମ ବିବାହ ବାର୍ଷିକ କଣିହାଁ ମନ୍ଦିରଠାରେ ପାଳନ କରିଥିଲେ । ପୁନଃବିବାହ ପରେ ସମସ୍ତ ଆୟୋଜନକୁ ନେଇ ବନ୍ଧୁସ୍ୱଜନ ଓ ଅତିଥିଙ୍କ ଗ୍ରହଣରେ ମନ୍ଦିର ପରିସରର ଚଳଚଞ୍ଚଳ ହୋଇଥିଲା । ପରିବେଶ ସୁରକ୍ଷା ସହିତ ବିବାହ ସ୍ମୃତିକୁ ନେଇ ଏଠାରେ ଫଳଚାରା (ବୃକ୍ଷ)ରୋପଣ କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ଅତିଥିଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ଅନେକ ଶିକ୍ଷାବିତ, ଡାକ୍ତର, ଶ୍ରମିକ ନେତା, ନୂତନ ଓ ପୂର୍ବତନ ଜନପ୍ରତିନିଧି ପ୍ରମୁଖ ସାମାଜିକ କର୍ମୀମାନେ ଅଂଶଗ୍ରହଣ କରି ୫୦ବର୍ଷର ବୈବାହିକ ଜୀବନର ସୁଖ ସଂସାରକୁ ନେଇ ଶୁଭେଚ୍ଛା ଜଣାଇବା ସହିତ ଦମ୍ପତିଙ୍କ ନିରୋଗ ଜୀବନ ପାଇଁ ଶୁଭ କାମନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀଙ୍କ ସମେତ ଆୟୋଜକ ସନ୍ଦୀପ୍ ପ୍ରଧାନ, ନମିତା ପ୍ରଧାନ, ପ୍ରଦିପ ପ୍ରଧାନ, ସରୋଜ ସାହୁ, ସୀମା ପ୍ରଧାନ,ମିତା ପ୍ରଧାନ, ରଶ୍ମୀ ପ୍ରଧାନ,ରୀନା ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ସଞ୍ଜୟ ପ୍ରଧାନ, କୁନା ପ୍ରଧାନ,ଶାନ୍ ପ୍ରଧାନ, ଇତୁ ପ୍ରଧାନଙ୍କ ସହିତ ବହୁ ଶୁଭେଚ୍ଛୁ ସହଯୋଗ କରିଥିଲେ ।

### ଛେଣ୍ଡିପଦା ବ୍ଲକ୍ କାର୍ଯ୍ୟାଳୟକୁ ବିଧାୟକଙ୍କ ପ୍ରଥମ ଗସ୍ତ

## ସମସ୍ତ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ



**ଛେଣ୍ଡିପଦା,୨୯।୬(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବିଧାୟକ ଅଗସ୍ତି ବେହେରା ଛେଣ୍ଡିପଦା ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଗସ୍ତ କରି ବ୍ଲକ ସଭାଗୃହରେ ସମସ୍ତ ଅଧିକାରୀଙ୍କ ସହ ବ୍ଲକର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ଅବସରରେ ପ୍ରଥମେ ବିଧାୟକ ଛେଣ୍ଡିପଦାର ଜଗନ୍ନାଥ ମନ୍ଦିରକୁ କର୍ମୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ଯାଇ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ପରେ ଜଗନ୍ତାଥ ମନ୍ଦିରରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ପହଞ୍ଚିବା କ୍ଷଣି ଅପେକ୍ଷାରତ ବ୍ଲକର ବିଡିଓ ତ୍ରିବିକ୍ରମ କୁମରା,ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ବିଧାୟକଙ୍କୁ ସ୍ୱାଗତ ଜଣାଇଥିଲେ । ପରେ ବ୍ଲକ ସଭାଗୃହରେ ବ୍ଲକର ସମସ୍ତ ଅଧିକାରୀଙ୍କ ସହ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ଉପରେ ଆଲୋଚନା କରି ବିଭିନ୍ନ ସମସ୍ୟାର ସମାଧାନ ଉପରେ ସମୀକ୍ଷା କରିଥିଲେ । ବିଭିନ୍ନ ଅଧିକାରୀମାନେ ନିଜ ନିଜ ବିଭାଗରେ ଥିବା ସମସ୍ୟା ଉପରେ ବିଧାୟକଙ୍କୁ ଅବଗତ କରାଇଥିଲେ । ବିଧାୟକ ସମସ୍ତ ସମସ୍ୟାର ସୁସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଓ ବ୍ଲକର ସହକାରୀ ଯନ୍ତ୍ରୀ ପ୍ରମୁଖ ମଞ୍ଚାସୀନ ଥିବାବେଳେ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତିର ପ୍ରୟାସ

## ଜନସାଧାରଣଙ୍କୁ ମୌଳିକ ସୁବିଧା ପ୍ରଦାନ ସହ ସ୍ୱାବଲମ୍ବୀ କରାଯିବ



**ହିନ୍ଦୋଳ, ୨୯।୬ (ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ଖଲିବୋରେଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସର୍ବସାଧାରଣଙ୍କ ଆର୍ଥିକ ଉନ୍ନତି ଲାଗି ସଚେତନତା କାର୍ଯ୍ୟକ୍ରମ ତଥା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଶ୍ରଦ୍ଧାଶକ୍ତି ସେବା ସଂସ୍ଥାନ (ଜନମଙ୍ଗଳ) ରାସୋଳର ପ୍ରତିଷ୍ଠାତା ତଥା ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତିର ଜିଲ୍ଲା ଆଞ୍ଚଳିକ ଅଧିକାରୀ ବିଭୁ ଶତପଥୀଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଖଲେୱାରେଇ ଗ୍ରାମ ପଞ୍ଚାୟତର ସରପଞ୍ଚ ଗୟାଧର ନାଏକ, ମୁଖ୍ୟ ବକ୍ତାଭାବେ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତିର ଅତିରିକ୍ତ ସଚିବ ପ୍ରଶାନ୍ତ କୁମାର ପାଲ୍, ସମ୍ମାନିତ ଅତିଥି ଭାବେ ଅନ୍ୟତମ ଜିଲ୍ଲା ଆଞ୍ଚଳିକ ଅଧିକାରୀ ପବିତ୍ର ମୋହନ ସାହୁଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା । ଖଲିବୋରେଇ ଗ୍ରାମ ପଞ୍ଚାୟତ ଓ ପଡ଼ୋଶୀ ନବକିଶୋରପୁର ପଞ୍ଚାୟତ, ଗଣ୍ଡାନାଳୀ ଗ୍ରାମପଞ୍ଚାୟତରୁ ଆସିଥିବା ପ୍ରାୟ ୧୦୦ଜଣ ସର୍ବସାଧାରଣଙ୍କୁ ଶ୍ରମିକ ସମନ୍ୱୟ ସମିତି ତରଫରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଲାଗି ଓ ସମିତିର ୨୦ ଜଣ କର୍ମଚାରୀଙ୍କୁ କାର୍ଯ୍ୟଶୈଳୀ ସମ୍ପର୍କିତ ଆଲୋଚନା ପୂର୍ବକ ମାର୍ଗଦର୍ଶନ କରିଥିଲେ । ହିନ୍ଦୋଳ ବ୍ଲକର ଅତିରିକ୍ତ ଶାଖା ପ୍ରବନ୍ଧକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, କ୍ଷେତ୍ର ନିର୍ବାହୀ ଅଧିକାରୀ ଆଦି ଶ୍ରମିକ ସମ୍ବାୟ ସମିତିର କର୍ମଚାରୀ ଉପସ୍ଥିତ ରହି ତାଲିମ୍ ପ୍ରାପ୍ତ କରିଥିଲେ । ପ୍ରକାଶଥାଉ କି, ଶ୍ରମିକ, ଦିନ ମଜୁରିଆ, ଗରିବ ଶ୍ରେଣୀୟ ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ସମ୍ବନ୍ଧୀୟ ଏବଂ ଅତ୍ୟାବଶ୍ୟକ ରାସନ୍, କପଡ଼ା, ଔଷଧ, ଗୃହ ଆସବାବପତ୍ର ଇତ୍ୟାଦି ରିହାତି ଦରରେ ପାଇବାର ସୁବିଧା କରାଯିବା ସହିତ ଜିଲ୍ଲାର ଶିକ୍ଷିତ ଯୁବକ ଯୁବତୀଙ୍କୁ ଜନମଙ୍ଗଳ ରାସୋଳ ମାଧ୍ୟମରେ ଓଡ଼ିଶା ଶ୍ରମିକ ସମବାୟ ସମିତି ତରଫରୁ ନିଯୁକ୍ତି ଯୋଗାଇ ନିଜ ଅଞ୍ଚଳରେ କାର୍ଯ୍ୟ କରି ଆତ୍ମନିର୍ଭରଶୀଳ କରିବାର ପ୍ରୟାସ କରାଯିବା ପାଇଁ ପ୍ରୟାସ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

### ତାଳଚେରରେ ଗୋମାଂସ ଚାଲାଣ ଘଟଣା

# ସନ୍ଦେହରେ ମଟନ ବିରିୟାନୀ ଷ୍ଟଲ୍



**ତାଳଚେର ସଦର ୨୯ । ୬(ସମିସ):** ଗତ ଶୁକ୍ରବାର ଗୋ ମାଂସ ଚୋରାଚାଲାଣ ଘଟଣା ପରେ ବର୍ତ୍ତମାନ ସନ୍ଦେହରେ ଏଠାରେ ଥିବା ଅଣହିନ୍ଦୁଙ୍କ ବିରିୟାନି ଷ୍ଟଲ୍ ଉପରେ । କାରଣ ଏବେ ତାଳଚେରର ବିଭିନ୍ନ ଛକ ଜନଗଜଳିପୂର୍ଣ୍ଣ ରାସ୍ତାମାନଙ୍କରେ ଏହି ଅଣହିନ୍ଦୁଙ୍କ ବିରିୟାନୀ ପସରା ଦେଖିବାକୁ ମିଳିଛି । ତାଳଚେର ଅଞ୍ଚଳରେ ଗୋ ମାଂସ ଚାଲାଣ ଘଟଣାକୁ ନେଇ ଏଠାରେ ଚର୍ଚ୍ଚା ଲାଗିରହିଥିବା ବେଳେ ଏନେଇ ଲୋକଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଆଲୋଚନା ହେଉଛି । ତାଳଚେର ସହରରେ କିଛି ଅଣହିନ୍ଦୁମାନେ ଛତୁ ଫୁଟିଲା ଭଳି ବିରିୟାନୀ ଦୋକାନ ଖୋଲିଥିବା ବେଳେ ଏହି ମଟନ ବିରିୟାନିରେ ମଟନ ଗୋମାଂସ ନୁହେଁ ତ ବୋଲି ଅନେକଙ୍କ ମନରେ ସନ୍ଦେହ ଉପୁଜିଛି । ଏହାକୁ କିଏ ତଦାରଖ କରିବେ, ସେ ନେଇ ଉଠିଛି ପ୍ରଶ୍ନ । କାରଣ ଗତକାଲି ବାଘୁଆ ବୋଲ ଅଞ୍ଚଳରୁ ଜଣେ ଲୋକ ବ୍ୟାଗରେ ଗୋ ମାଂସ ନେଉଥିବା ବେଳେ ଧରାପଡିବା ଯୋଗୁଁ ଏହିପରି ସନ୍ଦେହ ହେବା ସ୍ୱାଭାବିକ । ଏଠି ପ୍ରବଳ ମାତ୍ରରେ ଗୋମାଂସ ବିଭିନ୍ନ ଜାଗାକୁ ଯାଉଛି ବୋଲି ଜଣାପଡ଼ିଛି । ତେବେ ସୂଚନା ଅନୁଯାୟୀ ବ୍ୟବସାୟୀମାନେ ପ୍ରତି ଶୁକ୍ରବାର କୁଇଣ୍ଟାଲ କୁଇଣ୍ଟାଲ ଗୋ ମାଂସ ତାଳଚେରକୁ ଆଣି କିଛି ମୁସଲିମ ସମ୍ପ୍ରଦାୟର ଲୋକମାନେ ସେଠାରେ ବିକ୍ରି କରିଥାନ୍ତି ଏବଂ ସେଠାକୁ ବେପାରୀମାନେ ଆସି ତାଳଚେରର ବିଭିନ୍ନ ମୁସଲିମ ବସ୍ତିକୁ ସପ୍ଲାଇ କରିଥାନ୍ତି । ଯାହା ଦ୍ୱାରା ଏହି ଦୋକାନଗୁଡିକ ପ୍ରାୟ ଅଣହିନ୍ଦୁମାନେ ଛତୁ ଫୁଟିଲା ପରି ଖୋଲିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ତାଳଚେର ସହର ,ଦେଉଳବେଡ଼ା ,ହାଣ୍ଡିଧୂଆଁ ଡେରା, ବଲଣ୍ଡା ଅଞ୍ଚଳରେ ରହୁଥିବା ଏହି ସମ୍ପ୍ରଦାୟର ଲୋକମାନେ ଏହାକୁ ମଗାଉଥିବା ବେଳେ ବିଭିନ୍ନ ଜାଗାରେ ବିରିୟାନୀ ଷ୍ଟଲଗୁଡିକ ସନ୍ଦେହଘେରକୁ ଟାଣି ହୋଇ ପଡିଛି ଏବଂ ଗ୍ରାହକମାନେ ସେଠାକୁ ନଯିବା ପାଇଁ ମନସ୍ଥ କଲେଣି ବୋଲି ଶୁଣିବାକୁ ମିଳୁଛି । ଏଣୁ ବିଭିନ୍ନ ମହଲରେ ଏହାକୁ ନେଇ ଚର୍ଚ୍ଚା ହେଉଛି । ସହରରେ ଏପରି ଘଟଣାକୁ ନିନ୍ଦା କରାଯାଇଛି ଏବଂ ଏହି ଗୋମାଂସ ବେପାରୀମାନେ ଦୀର୍ଘଦିନ ହେବ ଏହି ବ୍ୟବସାୟ ଚାଲୁ ରଖିଥିବା ବେଳେ କାଲି ଏହାର ପର୍ଦ୍ଦାଫାସ ହୋଇ ଲୋକମାନେ ସାବଧାନ ରହିବା ପାଇଁ ବଜରଙ୍ଗ ଦଳ ସଦସ୍ୟମାନେ ନିବେଦନ କରିଛନ୍ତି ।

### ପାରାଦୀପ ପୌରପାଳିକା ୭୯.୩୪ କୋଟି ଟଙ୍କାର ବଜେଟ୍ ପାରିତ

# ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ

ପାରାଦୀପ, ୨୯।୬(ସମିସ)

ପାରଦୀପ ପୌରପାଳିକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆଜି ବଜେଟ ଉପସ୍ଥାପିତ ହୋଇଛି। ପୌରପାଳିକାର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଚଳିତ ଆର୍ଥିକ ବର୍ଷ ପାଇଁ ଏହି ବଜେଟ ଉପସ୍ଥାପନ କରିଥିଲେ। ଚଳିତ ଆର୍ଥିକ ବର୍ଷ ପାଇଁ ମୋଟ ୭୯ କୋଟି ୩୪ ଲକ୍ଷ ୪୭ ହଜାର ୬୧୫ ଟଙ୍କା ବଜେଟ୍ ପାରିତ ହୋଇଛି। ଏହି ଅବସରରେ ଶନିବାର ଦିନ ଆୟୋଜିତ କାଉନସିଲ୍ ବୈଠକରେ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଚଳିତ ଆର୍ଥିକ ବର୍ଷ ପାଇଁ ଏହି ବଜେଟ୍ ଉପସ୍ଥାପନ କରିଥିଲେ। ଉପସ୍ଥିତ ପାରିଷଦମାନେ ଏହାକୁ ସମର୍ଥନ କରିବା ସହିତ ବଜେଟ୍ ପାରିତ ହୋଇଥିଲା। ଏହି ଅଧିବେଶନରେ ନବନିର୍ବାଚିତ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ନବନିର୍ବାଚିତ ଜଗତସିଂହପୁର ଜିଲ୍ଲା ସାଂସଦ ଡ. ବିଭୂପ୍ରସାଦ ତରାଇ ଯୋଗ ଦେଇଥିଲେ। ପ୍ରଥମେ ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ମନ୍ତ୍ରୀ ସ୍ୱାଇଁ ଓ ସାଂସଦ ତରାଇଙ୍କୁ ସ୍ୱାଗତ କରି ମଞ୍ଚକୁ ପାଛୋଟି ଆଣିଥିଲେ। ତାପରେ ଉଭୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।




■ ବସ୍ତି ଲୋକଙ୍କୁ ଥଇଥାନକୁ ଗୁରୁତ୍ୱ
■ ମନ୍ତ୍ରୀ ଓ ସାଂସଦଙ୍କୁ ସମ୍ବର୍ଦ୍ଧନା

ବିଭିନ୍ନ ସୂତ୍ରରୁ ୪୦ କୋଟି ୧ ଲକ୍ଷ ୯୪ ହଜାର ୨୬୮ ଟଙ୍କା ଆୟ ହେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷର ବଳକା ଅର୍ଥ ମିଶି ମୋଟ ଆୟ ୭୯ କୋଟି ୩୪ ଲକ୍ଷ ୪୭ ହଜାର ୬୧୫ ଟଙ୍କା ରହିଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୭୭ କୋଟି ୨୦ ଲକ୍ଷ ୩ ହଜାର ୯୯ ଟଙ୍କାର ବ୍ୟୟ ବରାଦ ପାରିତ ହୋଇଥିବା ବେଳେ ବର୍ଷ ଶେଷ ସମ୍ଭାବ୍ୟ ବଳକା ଅର୍ଥରାଶି ୨ କୋଟି ୧୪ ଲକ୍ଷ ୪୪ ହଜାର ୫୧୬ ଟଙ୍କା ରହିଛି। ଆଜି ଆୟୋଜିତ ଏହି ସ୍ୱତନ୍ତ୍ର ସମାରୋହରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲା ବେଳେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ପାରାଦୀପ ପୌରାଞ୍ଚଳରେ ଆଗାମୀ ବର୍ଷାଦିନ ପାଇଁ ବସ୍ତି ଅଞ୍ଚଳରେ ଯେପରି ଲୋକଙ୍କ ପାଇଁ ସମସ୍ୟା ନହୁଏ ସେ ଦିଗରେ ପୌରପାଳିକା ତୀକ୍ଷ୍ଣ ଦୃଷ୍ଟି ଦେବାକୁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହା ସହିତ ଶୁଦ୍ଧ ପାନୀୟ ଜଳ ଯୋଗାଣ, ବର୍ଷା ଜଳ ନିଷ୍କାସନ, ବେଳାଭୂମି ସୌନ୍ଦର୍ଯ୍ୟକରଣ, ସ୍ମାର୍ଟପାର୍କ ନିର୍ମାଣ, ସରକାରୀ ଜମି ଜବରଦଖଲ ଉଚ୍ଛେଦ, ଜଳ ନିଷ୍କାସନ ପଥ ସଫେଇ, ମହିଳାଙ୍କୁ ସଶକ୍ତ ଓ ଯୁବକମାନଙ୍କୁ ପ୍ରଶିକ୍ଷଣ ଓ କର୍ମନିଯୁକ୍ତି, ଅଲୋକୀକରଣ, ମୁକ୍ତା ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଦକ୍ଷତା ବିକାଶ ଓ ସ୍ୱାବଲମ୍ବୀ କରିବା ଓ ବସ୍ତି ଲୋକଙ୍କୁ ଥଇଥାନ ଆଦି କାର୍ଯ୍ୟ ଉପରେ ପୌରପାଳିକା ଗୁରୁତ୍ୱ ଦେବ। ଦଳମତ ନିର୍ବିଶେଷରେ ପାରାଦୀପର ସାମଗ୍ରୀକ ବିକାଶ ପାଇଁ ପୌରପାଳିକା କାର୍ଯ୍ୟ କରିବାକୁ ସାଂସଦ ଡ. ତରାଇ କହିଥିଲେ। ଏଥିରେ ଉପାଧ୍ୟକ୍ଷା ଛବିଲତା ରାଉତ, ପାରିଷଦ ପ୍ରଭାତୀ ନାୟକ, ସୁବ୍ରତ କୁମାର ପ୍ରଧାନ, ପ୍ରତାପ ନାୟକ, କେଦାରନାଥ ଜେନା, ଅଜିତ କୁମାର ଷଡଙ୍ଗୀ, ମନୋଜ କୁମାର ନାୟକ, ବନୀତା ରାଉତଙ୍କ ସମେତ ସମସ୍ତ ପାରିଷଦ ଉପସ୍ଥିତ ଥିଲେ।

## ବ୍ୟକ୍ତିଗତ ପୋଖରୀକୁ ଯାଉଛି ବସୁଧା ପାଣି



**ଜଗତସିଂହପୁର, ୨୯।୬(ସମିସ):** ସରକାର ବସୁଧା ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚକରି ଗ୍ରାମାଞ୍ଚଳର ଲୋକମାନଙ୍କୁ ବିଶୁଦ୍ଧ ପାନୀୟଜଳ ପାଇପ ମାଧ୍ୟମରେ ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି। ତେବେ ଉପରମୁଣ୍ଡରେ ଥିବା କିଛି ସ୍ୱାର୍ଥପର ଲୋକ ଏହି ବସୁଧା ଜଳକୁ ନିଜ ପୋଖରୀରେ ଛାଡୁଥିବା ବେଳେ ଆଉ କିଛିଲୋକ ନିଜ ବାଡ଼ି ବଗିଚାରେ ମଡାଇ ଫସଲ କରୁଛନ୍ତି। ଏହାଦ୍ୱାରା ଏହି ଯୋଜନାର ଉଦ୍ଦେଶ୍ୟ ସାଧନ ବିଫଳ ହେବା ସହିତ ଶେଷ ମୁଣ୍ଡରେ ଥିବା ଲୋକମାନେ ପିଇବା ପାଣିରୁ ବଞ୍ଚିତ ହୋଇ ଆସୁଛନ୍ତି। ଏପରି ଏକ ଘଟଣା ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିରିଡୋଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସଲମପୁରରେ ଘଟିଥିବା ନେଇ ଅଧିକ୍ଷଣ ଯନ୍ତ୍ରୀ ଆର୍‌ଡବ୍ଲୁଏସ୍‌ଏସ୍‌ଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ବିରିଡୋଳ ଗ୍ରାମପଞ୍ଚାୟତରେ ପ୍ରତିଘରକୁ ବସୁଧା ଯୋଜନାରେ ପାଇପ ପାଣି ଯୋଗାଇଦେବାକୁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ହୋଇଛି। ତେବେ ଏହି ପଞ୍ଚାୟତର ସରପଞ୍ଚଙ୍କ ଦିଅର ବସୁଧା ଯୋଜନାର ପାଇପ୍‌କୁ କଣାକରି ଏଥିରେ ଦୁଇ ଇଞ୍ଚ ମୋଟେଇର ଏକ ପାଇପ ସଂଯୋଗ କରି ନିଜ ବ୍ୟକ୍ତିଗତ ପୋଖରୀରେ ପାଣି ଛାଡୁଛନ୍ତି। ଯାହାଦ୍ୱାରା ତଳ ମୁଣ୍ଡରେ ପାଣି ପହଞ୍ଚିପାରୁନଥିବାରୁ ଦୁଇବର୍ଷ ହେଲା ସେମାନେ ବିଶୁଦ୍ଧ ପାଣିରୁ ବଞ୍ଚିତ ହୋଇଆସୁଛନ୍ତି। ଏ ସମ୍ପର୍କରେ ସେମାନେ ତିର୍ତ୍ତୋଲ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ୍ୟ ସେ ନିଜ ଚାକିରି ବଞ୍ଚାଇବାକୁ ଉକ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗକାରୀ କ୍ଷେତ୍ରମୋହନ ସେଠି ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ, ଗୃହ ବିଭାଗ, ସମ୍ପଦ ପରିଡ଼ା, ଦେବାଶିଷ ମହାନ୍ତି ଓ ନିରଞ୍ଜନ ଦାସ ପ୍ରମୁଖ ଅଧିକ୍ଷଣ ଯନ୍ତ୍ରୀ ଆରଡବ୍ଲୁଏସଏସଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## 'ମା' ପାଇଁ ଗଛଟିଏ' ଅଭିଯାନ



**ଜଗତସିଂହପୁର, ୨୯।୬(ସମିସ):** 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆଠାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ଏହି ଅବସରରେ କହିଥିଲେ, 'ବୃକ୍ଷ ବଞ୍ଚି ରହିଲେ ବିଶ୍ୱ ତିଷ୍ଠି ରହିବ। ଏଣୁ ପ୍ରକୃତିର ସୁରକ୍ଷା ଆମର ଦାୟିତ୍ୱ'। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ସମସ୍ତେ ନିଜ ମା'ଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ସେ ନିବେଦନ କରିଛନ୍ତି। ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ପର୍ଯ୍ୟଟନ ବିଭାଗ ଉପନିର୍ଦ୍ଦେଶକ ସୁଜାତା ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାୟକ ପ୍ରମୁଖ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ନଳିନୀକାନ୍ତ ସାହୁ, ବୈଶାଖୀ ଶୁକ୍ଳା, ରାଧା ମୋହନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସେବା ସପ୍ତାହ ପାଳିତ




**ଯଖପୁରା, ୨୯।୬(ସମିସ):** ଆଜି ଦାନଗଦି ବ୍ଲକ ଅନ୍ତର୍ଗତ ମାନତୀରା ଗ୍ରାମରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଗ୍ରାମର ଜଗନ୍ନାଥ ମନ୍ଦିର ପଡ଼ିଆ ପାଖ ବଜରଙ୍ଗ ଦଳ କାର୍ଯ୍ୟାଳୟରେ ସଂଗଠନ ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଓ ଜଗନ୍ନାଥ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସେବା ସପ୍ତାହ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ଗୋ-ରକ୍ଷା ପ୍ରମୁଖ ମଦନମୋହନ ବିନ୍ଧାଣି, ଜିଲ୍ଲା ପ୍ରଚାର ପ୍ରସାର ପ୍ରମୁଖ ଶ୍ରୀକାନ୍ତ ମହାପାତ୍ର, ପ୍ରାନ୍ତ ବିସ୍ତାରକ ପ୍ରମୁଖ ସୁବାସ ମହାରଣା, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ବସନ୍ତ କୁମାର ପାତ୍ର, ଦାନଗଦି ପ୍ରଖଣ୍ଡ ସଂଯୋଜକ ଚିତ୍ତରଞ୍ଜନ ସିଂ, ପ୍ରଖଣ୍ଡ ସହସଂଯୋଜକ ଶୁଭ ଆଶୀର୍ବାଦ ଓଝା, ଶୁଭ୍ରାଂଶୁ ଶତପଥୀ, ଶାନ୍ତନୁ ସାହୁ, ଶିବପ୍ରସାଦ ପାଲ, ଅରୁଣ ଦାସ, ସୌମ୍ୟରଞ୍ଜନ ଜେନା, ସୂର୍ଯ୍ୟପ୍ରକାଶ ଚୌଧୁରୀଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ହାଇୱାକୁ ପଛରୁ ଧକ୍କାଦେଇ କୋଇଲା ବୋଝେଇ ଟ୍ରକ୍ ଚାଳକ ଗୁରୁତର

**ସୁକିନ୍ଦା, ୨୯।୬(ସମିସ):** ୫୩ନଂ ଜାତୀୟ ରାଜପଥର ସୁକିନ୍ଦା ଛକ ନିକଟ ରେଙ୍ଗାଲି ପୋଲ ଉପରେ ଏକ ହାଇୱା ଓ ୧୪ଚକିଆ ଟ୍ରକ୍ ଧକ୍କା ହେବା ଫଳରେ ଟ୍ରକ୍‌ର ବ୍ୟାପକ କ୍ଷତି ହେବା ସହ ଡ୍ରାଇଭର ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଶୁକ୍ରବାର କୋଇଲା ବୋଝେଇ କରି ତାଳଚେରରୁ କଳିଙ୍ଗନଗର ଯାଉଥିବା ସମୟରେ ବିଳମ୍ବିତ ରାତିରେ ସୁକିନ୍ଦା-ଭୁବନ ରାସ୍ତାର ସୁକିନ୍ଦା ଛକ ନିକଟ ରେଙ୍ଗାଲି ପୋଲ ଉପରେ ଦୁର୍ଘଟଣା ଘଟିଥିଲା। ଟ୍ରକ୍‌ଟି ହାଇୱା ପଛରେ ଧକ୍କା ଦେବାରୁ ଟ୍ରକର ଡ୍ରାଇଭର ପାର୍ଶ୍ୱ ବ୍ୟାପକ କ୍ଷତି ଘଟିଥିବାବେଳେ ଚାଳକ ତେଲକୋଇ ଅଞ୍ଚଳର ଗୋପବନ୍ଧୁ ନାୟକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଗୋପବନ୍ଧୁଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣାଗ୍ରସ୍ତ କୋଇଲା ବୋଝେଇ ଟ୍ରକ୍‌ଟି ରାସ୍ତାର ୭୦ ଭାଗ ଅବରୋଧ କରିଥିବାରୁ ସନ୍ଧ୍ୟା ହେଲେ ସେହି ସ୍ଥାନରେ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି।

## ପାରାଦୀପ ସଂକୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ



**ପାରାଦୀପ, ୨୯।୬(ସମିସ):** ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଅନୁଯାୟୀ ୨୦୨୪ -୨୫ ଶିକ୍ଷା ବର୍ଷର ପାରାଦୀପ ସଂକୁଳର ସଂକୁଳସ୍ତରୀୟ ସାମୂହିକ କାର୍ଯ୍ୟଶାଳା ଆଜି ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଯୋଗ ଦେଇଥିବା ବେଳେ ବକ୍ତାଭାବେ ଜଗତସିଂହପୁର ଜିଲ୍ଲା ସାଂସଦ ବିଭୁ ପ୍ରସାଦ ତରାଇ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ନୂତନ ଆଚାର୍ଯ୍ୟ ଧରଣୀଧର ପରିଡ଼ା, ପରିଚାଳନା କମିଟି ସଭାପତି ନିରଞ୍ଜନ ଖୁଣ୍ଟିଆ, ଉପସଭାପତି ରଞ୍ଜନ କୁମାର ଧଳ, ସମ୍ପାଦକ ଦିଗମ୍ବର ଖୁଣ୍ଟିଆ, ପୂର୍ବତନ କୋଷାଧ୍ୟକ୍ଷ ତଥା ଉପଦେଷ୍ଟା ରବୀନ୍ଦ୍ର କୁମାର ଦାସ, ଆର୍‌ଏସ୍‌ଏସ୍ ଜଗତସିଂହପୁରର ସହ ଜିଲ୍ଲା ବୌଦ୍ଧିକ ପ୍ରମୁଖ ସାରଦା ପ୍ରସନ୍ନ ନାୟକ, ପରିଚାଳନା ସମିତିର ସଦସ୍ୟା ନିବେଦିତା ପରିଡ଼ା ଓ ପୂର୍ବତନ ଛାତ୍ର ବଜରଙ୍ଗ ପ୍ରସାଦ ସ୍ୱାଇଁ, ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ବିପ୍ଳବ କୁମାର ଜେନା, ପାରାଦୀପ ସଂକୁଳର ସଂକୁଳ ପ୍ରମୁଖ ଗୌରାଙ୍ଗ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଏହି ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ନିରଞ୍ଜନ ଖୁଣ୍ଟିଆ ଏଥିରେ ସଭାପତିତ୍ୱ କରି ସମସ୍ତ ଗୁରୁଜୀ ଗୁରୁମାଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଉଦ୍‌ଯାପିତ କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାରଦୀପର ସହ ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ମମତା କର ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ସଂକୁଳ ପ୍ରମୁଖ ଗୌରାଙ୍ଗ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟଶାଳାରେ ପାରାଦୀପ ସଂକୁଳ ଅନ୍ତର୍ଗତ ୫ଟି ବିଦ୍ୟାଳୟର ୧୧୪ ଜଣ ଗୁରୁଜୀ ଗୁରୁମା, ୧୫ ଜଣ ପ୍ରବନ୍ଧକ ଉପସ୍ଥିତ ଥିଲେ।

## ସୁପରଭାଇଜରଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

**ବାଲିଚନ୍ଦ୍ରପୁର, ୨୯।୬(ସମିସ):** ବାଲିଚନ୍ଦ୍ରପୁରସ୍ଥ ସିଡିପିଓଙ୍କ କାର୍ଯ୍ୟାଳୟ (ବଡ଼ଚଣା ରୁରାଲ)ରେ ସୁପରଭାଇଜର ଭାବେ କାର୍ଯ୍ୟରତ ନଳିନୀପ୍ରଭା ମିଶ୍ରଙ୍କ ବେକରୁ ଦୁଇଜଣ ଦୁର୍ବୃତ୍ତ ସୁନା ଚେନ ଝାମ୍ପିନେଇ ଛୁ ମାରିଛନ୍ତି। ଏ ନେଇ ସୁପରଭାଇଜର ଶ୍ରୀମତୀ ମିଶ୍ର ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ୩୬୧/୨୪ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିବା ଥାନା ସୂତ୍ରରୁ ଜଣାଯାଇଛି। ସୂଚନା ମୁତାବକ, ଶ୍ରୀମତୀ ମିଶ୍ର ୨୮ ତାରିଖରେ ଅଫିସ କାମ ସାରି ଅପରାହ୍ନ ୪ଟାରେ ଜଣଙ୍କ ସ୍କୁଟିରେ ଚଣ୍ଡିଖୋଲ ଅଭିମୁଖେ ଯାଉଥିବାବେଳେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଭାକୁଡ଼ ଛକ ନିକଟରେ ବାଇକରେ ଦୁଇଜଣ ଯୁବକ ଆସି ଶ୍ରୀମତୀ ମିଶ୍ରଙ୍କ ବେକରୁ ଏକ ଭରି ଓଜନର ସୁନା ଚେନ ଝାମ୍ପି ନେଇଥିଲେ। ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ବାରେଡିଆରେ ଦୁର୍ନୀତି ନେଇ ବିଡିଓଙ୍କୁ ଅଭିଯୋଗ

**ବିରିଡି, ୨୯।୬(ସମିସ):** ବିରିଡି ବ୍ଲକ ବାରେଡିଆ ପଞ୍ଚାୟତରେ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଆଜି ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ପଞ୍ଚାୟତରେ କେତକ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଥିବାବେଳେ ତାହା ସମ୍ପୂର୍ଣ୍ଣ ହୋଇନଥିବା ବେଳେ, ଅନ୍ୟକେତେକ କାର୍ଯ୍ୟ କରାନଯାଇ ବିଲ ଉଠିଥିବା ଦର୍ଶାଯାଇଛି। ବରେଡିଆ ଗ୍ରାମର ଦୁଃଶାସନ ମହାପାତ୍ର, ପ୍ରଶାନ୍ତ ବାହଲିଆ, ଦୁର୍ଯ୍ୟୋଧନ ଭୋଇ, କୈଳାସ ଭୋଇ, କ୍ଷୀର ଭୋଇ, କାଳନ୍ଦୀ ଭୋଇ, ଅମୀୟ ପଡିହାରୀ, ସୁଶାନ୍ତ ମଲ୍ଲିକ, ଦେବବ୍ରତ ପାରିଜା, ପ୍ରଦୀପ୍ତ ପାରିଜା, ଲୁଲୁ ପାରିଜା, ବିଶ୍ୱରଞ୍ଜନ ବେହେରା, ବିଜୟ କୁମାର ରାଉତରାୟ, ନୀତିନ ରାୟ ପ୍ରମୁଖ ବିରିଡି ବିଡିଓ ବିଜୟ କୁମାର ବେହେରାଙ୍କୁ ଭେଟି ଅଭିଯୋଗପତ୍ର ଦେବାସହ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

## ମୁଖ୍ୟ କିରାଣିଙ୍କ ୨ ଦିନର ଦରମା ବନ୍ଦକଲେ ତହସିଲଦାର

**ବିରିଡି, ୨୯।୬(ସମିସ):** ବିରିଡି ତହସିଲ କାର୍ଯ୍ୟାଳୟର ମୁଖ୍ୟ କିରାଣିଙ୍କ ମନମାନୀ ତାଙ୍କ ପାଇଁ ମହଙ୍ଗା ପଡ଼ିଛି। ତହସିଲଦାର ସଞ୍ଜୟ କୁମାର ବେହେରା ମୁଖ୍ୟ କିରାଣି ଗଗନ ବିହାରୀ ପ୍ରଧାନଙ୍କ ୨ ଦିନର ଦରମା ବନ୍ଦ କରିଛନ୍ତି। ସୂଚନା ଅନୁଯାୟୀ ତହସିଲ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ମୁଖ୍ୟ କିରାଣି ପ୍ରଧାନ ଗତ ଦୁଇଦିନ ହେବ ତାଙ୍କ ଉପର ଅଧିକାରୀ ତଥା ତହସିଲଦାରଙ୍କୁ କିଛି ନ ଜଣାଇ କାର୍ଯ୍ୟାଳୟ ନ ଆସି ଛୁଟିରେ ରହିଥିଲେ। ଏହି ଘଟଣାକୁ ନେଇ ତାଙ୍କ ୨ ଦିନର ଦରମା ବନ୍ଦ ପାଇଁ ପଦକ୍ଷପ ନିଆଯାଇଥିବା ତହସିଲଦାର ଶ୍ରୀ ବେହେରା କହିଛନ୍ତି। ତହସିଲ କାର୍ଯ୍ୟାଳୟ ୧୦ଟାବେଳେ ଖୋଲାଯାଉଥିଲେ ସୁଦ୍ଧା ସମ୍ପୃକ୍ତ କିରାଣି ଜଣଙ୍କ ନିଜ ଇଚ୍ଛାରେ କାର୍ଯ୍ୟାଳୟକୁ ଆସିବା, ଏମିତିକି ୧୧ଟା ୧୨ଟା ବେଳେ ଆସିବା, ବିନା କାରଣରେ ଛୁଟି ନନେଇ ରହିବା ସମ୍ପର୍କରେ ତହସିଲଦାର ବାରମ୍ବାର ତାଗିଦ କରିଆସୁଥିଲେ ମଧ୍ୟ କୌଣସି ସୁଧାର ନଆସିବାରୁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ପୃକ୍ତ କିରାଣିଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।

# ବିଳମ୍ବରେ ଆସିଲା ମୌସୁମୀ; ଫେରିଲାନି ସାଧବ ବୋହୂ

ଜଗତସିଂହପୁର, ୨୯।୬(ସମିସ)

ପୃଥିବୀର ବିଭିନ୍ନ ଦେଶରେ ଦେଖାଯାଉଥିବା 'ରେଡ୍ ଭେଲଭେଟ ମାଇଟ'କୁ ଓଡ଼ିଶାରେ 'ସାଧବ ବୋହୂ' କୁହାଯାଏ। ରେଶମୀ ନାଲି ରଙ୍ଗର ପିଠିକୁ ନେଇ ଖୁବ ସୁନ୍ଦର ଦେଖାଉଥିବା ଏହି ପୋକ ବିଭିନ୍ନ ଅଞ୍ଚଳରେ ପହିଲି ଆଷାଢ଼ର ପ୍ରଥମ ବର୍ଷା ପରେ ଦେଖିବାକୁ ମିଳିଥାଏ। ତେବେ ଚଳିତ ବର୍ଷର୍ ମୌସୁମୀ

▶ ପରିବେଶ ସୁରକ୍ଷାରେ ଗୁରୁଦାୟିତ୍ୱ ନିର୍ବାହ କରନ୍ତି 'ରେଡ୍ ଭେଲ୍‌ଭେଟ୍ ମାଇଟ୍'
▶ ସଂରକ୍ଷଣ ନ ହେଲେ ଆଗାମୀ ପିଢି ପାଇଁ ସ୍ୱପ୍ନ ପାଲଟିବ

ଆସିବାରେ ସାମାନ୍ୟ ବିଳମ୍ବ ଘଟିଥିଲେ ମଧ୍ୟ ନିକଟରେ ଜଗତସିଂହପୁର ଜିଲ୍ଲାରେ ପ୍ରଥମ ଅସରା ବର୍ଷା ହୋଇ ସାରିଛି। ତେବେ ବର୍ଷା ପରେ ମଧ୍ୟ ଏହି ପୋକର ଦେଖା ମିଳୁ ନ ଥିବାରୁ ଏହାକୁ ନେଇ ଜିଲ୍ଲାର ଚାଷୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ ଓ ପରିବେଶପ୍ରେମୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଗତ କିଛିବର୍ଷ ମଧ୍ୟରେ କାଁ ଭାଁ ଦେଖିବାକୁ ମିଳୁଥିବା ଏହି ପୋକ ଏବେ ସମ୍ପୂର୍ଣ୍ଣ ହଜିଯିବାକୁ ନେଇ ଏମାନଙ୍କ ବଂଶ ନିଶ୍ଚିହ୍ନ ଅବସ୍ଥାରେ ପହଞ୍ଚିଥିବା ଆଶଙ୍କା ପ୍ରକାଶ ପାଉଛି। ପରିବେଶ ସୁରକ୍ଷାରେ ଏହି ପୋକ ଗୁରୁଦାୟିତ୍ୱ ବହନ କରୁଥିବାରୁ ଏହାର ଉପଯୁକ୍ତ ସଂରକ୍ଷଣ ଓ ବଂଶ ବିସ୍ତାର ସହ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବାକୁ ପାଇଁ ସାଧାରଣରେ ଦାବି ହେଉଛି।



ସାଧାରଣତଃ ଜୁନ ମାସରେ ମୌସୁମୀ ପ୍ରବାହିତ ହୋଇଥାଏ। ରାଜ୍ୟରେ ପ୍ରବାହିତ ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ବର୍ଷା ହେବାରେ ସାହାଯ୍ୟ କରିଥାଏ। ଆଗରୁ ରଜ ପୂର୍ବରୁ ମୌସୁମୀ ବର୍ଷାର୍ ହେଉଥିବା ସମୟରେ ଏବେ ଋତୁଚକ୍ରରେ ଘୋର ପରିବର୍ତ୍ତନ ଘଟିଛି। ମୌସୁମୀର ବିଳମ୍ବ ପାଇଁ ଚଳିତ ବର୍ଷ ରଜରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ହୋଇଥିଲା। ପାଣି ପାଗ ବଦଳିଯାଇଥିବାରୁ ମୌସୁମୀଜନିତ ବର୍ଷା ପରିମାଣ ମଧ୍ୟ କମି କମିଯାଉଛି। ବର୍ଷା କମିବା ପରି ପ୍ରକୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ସାଧବ ବୋହୂପୋକ ମଧ୍ୟ ଲୁଚିଯିବାକୁ ବସିଛି ବୋଲି ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି।

ପ୍ରଥମ ବର୍ଷାର୍ରେ ବିଲ ହିଡ ତଥା ଉଚ୍ଚ ଜମି ଓ ବାଡ଼ିରେ ଏହି ସାଧବ ବୋହୂ ଦେଖିବାକୁ ମିଳିଥା'ନ୍ତି। ନାଲି ପାଟ ପିନ୍ଧି ଉଚ୍ଚ ବଂଶଜ ସାଧବ ଘରର ବୋହୂ ବାହାରକୁ ବାହରିବା ଭଳି ଏହି ସୁନ୍ଦର ନାଲି ପୋକର ସୌନ୍ଦର୍ଯ୍ୟ ଓ ଆକର୍ଷଣୀୟ ଚେହେରା ପିଲାଠାରୁ ବୁଢା ସବୁ ବର୍ଗର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ତେବେ ସମଗ୍ର ଇକୋସିଷ୍ଟମରେ ଏହି ପୋକ ଗୁରୁତ୍ୱପୂର୍ଣ୍ଣର୍ ଭୂମିକା ଗ୍ରହଣ କରିଥାଏ ବୋଲି କୃଷି ବୈଜ୍ଞାନିକ ତପନ ସାହୁ କହିଛନ୍ତି। ଏମାନେ ଫସଲର କ୍ଷତି କରୁଥିବା କୀଟମାନଙ୍କ ଅଣ୍ଡା, ଡେଣାହୀନ ଶାବକଙ୍କୁ ଆହାର କରିଥା'ନ୍ତି। ଯାହାକି ଚାଷୀଙ୍କ ପାଇଁ ବରଦାନ ହୋଇଥାଏ। ଏହି ପୋକ ଉର୍ବରତା ବଢ଼ାଇବାରେ ସାହାଯ୍ୟ କରିଥାଏ। ଏମାନେ ବର୍ଷର୍ର ସବୁ ସମୟ ଉପର ମାଟିର ଅନ୍ଧକାର ଓ ଥଣ୍ଡା ସ୍ଥାନରେ ରହୁଥିବା ସମୟରେ କେବଳ ବର୍ଷରେ ଥରେ ମୌସୁମୀ ବର୍ଷା ସମୟରେ ଏମାନେ ଦଳ ଦଳ ହୋଇ ଦେଖା ଦେଇଥା'ନ୍ତି। ବର୍ଷାରେ ମୟୂର ନୃତ୍ୟ କରିବା, ବେଙ୍ଗମାନେ ଜୋର୍‌ରେ ବୋବାଇବା, ଗଛଲତା ଓ ଘାସ ପ୍ରଭୃତି ଉଦ୍ଭିଦରେ ନୂତନ ଶକ୍ତି ସଞ୍ଚାର ହେବା ଭଳି ପ୍ରଥମ ବର୍ଷା ସହିତ ଏହି ଲାଲ ମାଇଟ୍‌ର ସମ୍ପର୍କ ରହିଛି ବୋଲି କୃଷି ବୈଜ୍ଞାନିକ ଶ୍ରୀ ସାହୁ କହିଛନ୍ତି।

ସାଧବ ବୋହୂ ପରି ଅନେକ କୀଟପତଙ୍ଗ ପୃଥିବୀରୁ ବିଦାୟ ନେଲେଣି ବା ଏବେ ଅସ୍ତିତ୍ୱ ହରାଇବାକୁ ବସିଛନ୍ତି। ପ୍ରଦୂଷିତ ବାତାବରଣ, ଦୂଷିତ ଜଳ, ଅନିୟନ୍ତ୍ରିତ ରାସାୟନିକ ସାର ଓ କୀଟନାଶକର ବହୁଳ ପ୍ରୟୋଗ, ମାଟିରେ ପ୍ରାକୃତିକ ଉପାଦାନ ହ୍ରାସ, ଉର୍ବରତା ହ୍ରାସ ପାଇଁ ଏହି ଉପକାରୀ କୀଟ ଏବେ ବିଲୁପ୍ତି ଦ୍ୱାରା ଦେଶରେ ପହଞ୍ଚିଛି ବୋଲି ପରିବେଶବିତ୍ ପ୍ରଫେସର ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି। ପୃଥିବୀ ପୃଷ୍ଠରୁ ପ୍ରତିଥର ଏକ ପ୍ରଜାତି ବିଲୁପ୍ତି ହେବା ଦ୍ୱାରା ପୃଥିବୀରେ ଜୀବନ ପ୍ରକ୍ରିୟା ଓ ଅସ୍ତିତ୍ୱ ଶୃଙ୍ଖଳା ଉପରେ ଏହାର ପ୍ରଭାବ ପଡ଼ିଥାଏ। ଯେତେବେଳେ ଏହି ପ୍ରଭାବ ବହୁଗୁଣିତ ହୋଇ ନିୟନ୍ତ୍ରଣ ବାହାରକୁ ଚାଲିଯାଏ, ସେତେବେଳେ ମହାବିଲୁପ୍ତି ପରି ବିପତ୍ତି ଆସିଥାଏ ବୋଲି ସେ ପ୍ରକାଶ କରିଛନ୍ତି। ମଣିଷ ଭୁଲିବା ଉଚିତ୍ ନୁହେଁ ଯେ, ସେ କେବଳ ସୃଷ୍ଟିର ଏକ ଅଂଶ, ସୃଷ୍ଟି କର୍ତ୍ତା ନୁହେଁ। ପୃଥିବୀ ପୃଷ୍ଠରେ ମଣିଷ ପଦାର୍ପଣ କରିବା ପୂର୍ବରୁ ୫ଟି ମହାବିଲୁପ୍ତି ଘଟିଛି। ତେବେ ପୃଥିବୀରେ ମଣିଷ ସୃଷ୍ଟି ହେବା ପରେ ଏହା ମନୁଷ୍ୟକୃତ ପ୍ରଥମ ମହାବିଲୁପ୍ତି ହେବାକୁ ଯାଉଛି ବୋଲି ସେ କହିଛନ୍ତି। ଏହି କୀଟର ସଂରକ୍ଷଣ ଓ ବଂଶ ବିସ୍ତାର ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

# ବିଦ୍ୟାଳୟ ପରିସରରେ ବିପଦ ସାଜିଛି ଭଙ୍ଗାଘର

**ପଞ୍ଚୁପାଣ୍ଡବ, ୨୯।୬(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ପ୍ରାଥମିକ ବିଦ୍ୟାଳୟରେ ପୁରୁଣା ଭଙ୍ଗାଘର ଥିବାରୁ ବିପଦରେ କୁନି କୁନିପିଲାମାନେ ରହିଛନ୍ତି। ଏହି ପୁରୁଣା ଘର ଦୀର୍ଘଦିନ ହେବ ମରଣଯନ୍ତା ହୋଇ ପଡ଼ିରହିଛି। ଖରାଦିନ ଛୁଟି ପରେ ମଧ୍ୟ ପୁରୁଣା ଘର ଭଙ୍ଗାଗଲା ନାହିଁ। ଏବେ ବିଦ୍ୟାଳୟ ଖୋଲିଲା କିନ୍ତୁ ପିଲାମାନଙ୍କର ପାଇଁ ପୁରୁଣାଘର ବିପଦରେ ରହିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ମୋଟ ୭୦ ଜଣ ଏବଂ ଷଷ୍ଠ, ସପ୍ତମରେ ୨୬ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦ୍ୟାଳୟର ଉନ୍ନତି ପାଇଁ ଲକ୍ଷାଧିକ ଟଙ୍କା ଆସୁଥିବା ବେଳେ ଏ ବିଦ୍ୟାଳୟରେ ସେମିତି କିଛି ଉନ୍ନତି ଦେଖିବାକୁ ମିଳୁନାହିଁ



ଯେତେଶୀଘ୍ର ପୁରୁଣା ଘରକୁ ଭାଙ୍ଗିବା ପାଇଁ ଏବଂ ବିଦ୍ୟାଳୟର ଉନ୍ନତି ପାଇଁ ପରିଚାଳନା କମିଟିର ସଭାପତି ଗଙ୍ଗାଧର ମଲିକ, ଭରତ ସାହୁ, ସନ୍ତୋଷ କୁମାର ସାମଲ, ପ୍ରବୀର ମଲିକ, ଭରତ ମଲିକ, ଦୋଳଗୋବିନ୍ଦ ମଲିକ ପ୍ରମୁଖ ଦାବି କରିଛନ୍ତି।

# ମତ୍ସ୍ୟଜୀବୀଙ୍କ ପାଇଁ ମୁହାଣ ମୁହଁ ପାଲଟିଛି ମରଣଯନ୍ତା

ପାରାଦୀପ, ୨୯।୬(ସମିସ)





ପାରାଦୀପ ମାଛଧରା ବନ୍ଦର ଭାରତ ବର୍ଷରେ ଥିବା ପ୍ରମୁଖ ମାଛଧରା ବନ୍ଦରମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି। ତେବେ ଏହି ମାଛଧରା ବନ୍ଦର ମଧ୍ୟରୁ ସମୁଦ୍ର ମଧ୍ୟକୁ ଯିବାର ମୁଖ୍ୟ ପ୍ରବେଶପଥ ମହାନଦୀ ମୁହାଣ ମତ୍ସ୍ୟଜୀବୀମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ମହାନଦୀ ଓ ସମୁଦ୍ରର ମିଳନସ୍ଥଳ ହେଉଛି ଏହି ମୁହାଣ ମୁହଁ। ପ୍ରତ୍ୟେକ ବର୍ଷ ମହାନଦୀରେ ଆସୁଥିବା ବନ୍ୟା କାରଣରୁ ମୁହାଣ ମୁହଁ ପୋତି

- ବିପଜ୍ଜନକ ସ୍ଥିତିରେ ମହାନଦୀ ମୁହାଣ ମୁହଁ
- ବର୍ଷ ବର୍ଷ ଧରି ଖୋଲା ଯାଉନି
- ମହାନଦୀ ଓ ସମୁଦ୍ରର ମିଳନ ସ୍ଥଳ ହେଉଛି ମୁହାଣ ମୁହଁ

ହୋଇଯାଉଥିବାବେଳେ ଏହାର ଖନନ କରାଯାଉନାହିଁ। ଯାହା ଫଳରେ ବିଭିନ୍ନ ସମୟରେ ମାଛଧରା ଟ୍ରଲର ହେଉ କିମ୍ବା ଡଙ୍ଗା ସମୁଦ୍ରର ପ୍ରଖର ସ୍ରୋତ ଓ ପୋତି ହୋଇଯାଉଥିବା ବାଲିରେ ମାଡ଼ ହୋଇ ଦୁର୍ଘଟଣାଗ୍ରସ୍ତ ହେଉଛି। ଫଳରେ ଅନେକ ଧନ ଜୀବନ କ୍ଷତିଗ୍ରସ୍ତ ହେଉଛି। ଯାହା ଦ୍ୱାରା ମତ୍ସ୍ୟଜୀବୀ ସମୁଦ୍ରକୁ ଯିବା ଆସିବା ପାଇଁ ଜୁଆର କୁ ଅପେକ୍ଷା କରୁଥିବାବେଳେ ଭଟ୍ଟା ସମୟରେ ଦୀର୍ଘସମୟ ଧରି ସମୁଦ୍ରରେ ଅଟକି ରହିବା ସହିତ ଧନଜୀବନ ନେଇ ଫେରିବାକୁ ଆଶା ଆଶଙ୍କାରେ ରହୁଛନ୍ତି। ପାରାଦୀପ ସମୁଦ୍ରରୁ ମାଛ ମାରିବା ସହିତ ଜଡିତ ଥିବା ପ୍ରାୟ ୫୦ ହଜାର ଲୋକ ଏବେ ଚିନ୍ତାରେ। ମହାନଦୀ ମୁହାଣ ପୋତି ହୋଇଯିବା ଦ୍ୱାରା ମାଛଧରା ଟ୍ରଲର ଗୁଡିକ ନାଁ ମୁହାଣ ବାଟ ଦେଇ ସମୁଦ୍ରକୁ ଯାଇ ପାରୁଛନ୍ତି, ନାଁ ସମୁଦ୍ରରୁ ମୁହାଣ ବାଟ ଦେଇ ମାଛଧରା ବନ୍ଦରକୁ ଫେରି ପାରୁଛନ୍ତି। ଅନ୍ୟପଟେ ପାରାଦୀପକୁ ଲାଗି ଗଢି ଉଠିଛି ଅନେକ ଶିଳ୍ପାନୁଷ୍ଠାନ। ଏହି ଶିଳ୍ପାନୁଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁ ସମୁଦ୍ରରେ ମିଶିବା ଫଳରେ ପାଣି ଦୂଷିତ ହେବାରୁ ଧିରେ ଧିରେ ମାଛଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ସେହିପରି ଅନେକ ସମୟରେ ସରକାରଙ୍କ ମାଛ ଉପରେ କଟକଣା ଯୋଗୁ ବର୍ଷକରେ ମାତ୍ର ତିନିରୁ ଚାରିମାସ ବୋଟ ଫିସିଂ କରିବା ଫଳରେ ବୋଟ ମାଲିକମାନେ ଅନେକ କ୍ଷତି ସହୁଛନ୍ତି। ଫଳରେ ଧିରେ ଧିରେ ମତ୍ସ୍ୟ ସମ୍ପଦ ଉପରୁ ଲୋକଙ୍କ ଆସ୍ଥା ହଟିବାରେ ଲାଗିଛି।

ପାରାଦୀପ ମାଛଧରା ବନ୍ଦରରେ ୫୦୦ରୁ ଉର୍ଦ୍ଧ୍ୱ ଟ୍ରଲର ଥିବାବେଳେ ଯନ୍ତ୍ରଚାଳିତ ଡଙ୍ଗା ୩୦୦ରୁ ଉର୍ଦ୍ଧ୍ୱ ରହିଛି। ତେବେ ମାଛଧରା ବନ୍ଦରର ଉନ୍ନତିକରଣ ପାଇଁ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ମଞ୍ଜୁର କରାଯିବା ସହିତ ଏହାର କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ମାଛଧରା ବନ୍ଦରର ଉନ୍ନତିକରଣ କରାଯାଉଥିବା ବେଳେ ମତ୍ସ୍ୟଜୀବୀମାନେ ମାଛ ଧରିବାକୁ ଯିବାର ପ୍ରମୁଖ ପ୍ରବେଶପଥ ପ୍ରତି କାହାର ନଜର ନଥିବା ନେଇ ଅଭିଯୋଗ ଆଣିଛନ୍ତି ବୋଟ କର୍ମଚାରୀ। ମାଛଧରା ବନ୍ଦର ଉନ୍ନତିକରଣ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବାବେଳେ ମତ୍ସ୍ୟଜୀବୀମାନଙ୍କ ସୁବିଧା ସୁଯୋଗ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଥିବା ନେଇ ବୋଟ ମାଲିକ କହିଛନ୍ତି। ଯଥାଶୀଘ୍ର ସରକାରଙ୍କ ତରଫରୁ ନେହେରୁ ବଙ୍ଗଳା ମୁହାଣ ମୁହଁକୁ ଖନନ କରାଯିବାକୁ ସରକାରଙ୍କୁ ଅନୁରୋଧ କରିବା ସହିତ ଯଦି ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ବାରମ୍ବାର ଏହିଭଳି ଦୁର୍ଘଟଣା ଘଟିବା ନେଇ ଆଶଙ୍କାରେ ଅଛନ୍ତି ମତ୍ସ୍ୟଜୀବୀ। ଅନ୍ୟପଟେ ଅନ୍ୟ ରାଜ୍ୟରେ ମତ୍ସ୍ୟଜୀବୀଙ୍କ ପାଇଁ ତେଲରେ ସବ୍‌ସିଡ ମିଳୁଥିବାବେଳେ ଓଡ଼ିଶା ସରକାର ତେଲ ଉପରେ ସବ୍‌ସିଡ ଦେଉନାହାନ୍ତି ଫଳରେ ମତ୍ସ୍ୟଜୀବୀ ମାନେ ଅନେକ କ୍ଷତି ସହୁଛନ୍ତି। ତେବେ ମୁହାଣ ମୁହଁ ଖନନ ପାଇଁ ରାଜ୍ୟ ସରକାର ୫ରୁ ୧୦ କୋଟି ଟଙ୍କା ପାରାଦୀପ ପୋର୍ଟ ଅଥରିଟିକୁ ମଞ୍ଜୁର କରାଯାଇଥିବାବେଳେ ଏ ନେଇ ଯଥାଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ ମୁହାଣ ଖୋଲାଯିବା ନେଇ ପ୍ରକାଶ କରିଛନ୍ତି ବନ୍ଦର ଅଧ୍ୟକ୍ଷ ପି ଏଲ୍ ହାରନାଧ।

# ସହିଦ ବିଦ୍ୟାଧର ବାରିକଙ୍କ ତିରୋଧାନ ଦିବସ



**ଡେରାବିଶ, ୨୯।୬(ସମିସ):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଦକ୍ଷିଣଖଣ୍ଡଭୋଳ ଠାରେ ସହୀଦ ବିଦ୍ୟାଧର ବାରିକଙ୍କ ତିରୋଧାନ ଦିବସ ଆଜି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭୁବନେଶ୍ୱରର ସିଆରପିଏଫ୍ ଟିମ୍ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ଏସଆଇ ସେକ୍ ମହମ୍ମଦ୍ ଅଲ୍ଲିଙ୍କ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଭେନ୍ଦୁ ସାହୁ ମୁଖ୍ୟ ଅତିଥି, ବଡ଼ବେତରା ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ମହାପାତ୍ର, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଅନନ୍ତ କୁମାର ପରିଡ଼ା, ସୁରେନ୍ଦ୍ର ବାରିକ, କିଶୋର ଚନ୍ଦ୍ର ମହାପାତ୍ର, ବୈଷ୍ଣବ ଚରଣ ବାରିକ, ଦିଲ୍ଲିପ କୁମାର ବାରିକ, ତପନ କୁମାର ବାରିକ ଏବଂ ସହୀଦଙ୍କ ସହଧର୍ମିଣୀ ବୈଜୟନ୍ତୀ ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦ୍ୟାଧରଙ୍କ ଦେଶପ୍ରତି ବଳିଦାନ ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ପ୍ରଥମେ ଅତିଥି ଓ ଗ୍ରାମବାସୀମାନେ ସ୍ୱର୍ଗତ ବାରିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ସ୍ୱର୍ଗତ ବାରିକ ଗତ ୨୦୧୦ ମସିହା ଜୁନମାସ ୨୯ ତାରିଖରେ ଦେଶର ସୁରକ୍ଷା ପାଇଁ ଛତିଶଗଡ଼ର ନାରାୟଣପୁରଠାରେ ନକ୍ସଲମାନଙ୍କ ସହ ବୀରତ୍ୱର ସହ ଲଢ଼ି ଦେଶପାଇଁ ସହୀଦ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ହରିଅଙ୍କ ଓ ବଡ଼ବେତାରା ପଞ୍ଚାୟତର ବହୁ ଜନସାଧାରଣ ଯୋଗ ଦେଇଥିବା ବେଳେ ସହୀଦ ପରିବାର ବର୍ଗ ସେମାନଙ୍କୁ ଆତିଥେୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିପନ କୁମାର ବାରିକ, ଲକ୍ଷ୍ମୀପ୍ରିୟା ବାରିକ, ବିଦ୍ୟୁଭୂଷଣ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ଆସୁଛି ଲଘୁଚାପ; ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ପାରାଦୀପ, ୨୯।୬(ସମିସ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଜୁନ୍ ୨୯ରୁ ୩୦ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ

**୫୦ କିମି ବେଗରେ ବହିବ ପବନ**

ରହିବା ସହ ଉଚ୍ଚ ଜୁଆର, ପ୍ରବଳ ବର୍ଷା ସହ ୪୦ରୁ ୫୦କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏଣୁ ସମସ୍ତ ବୋଟ ମାଲିକ, ଡଙ୍ଗା ମାଲିକ ଓ ମତ୍ସ୍ୟଜୀବୀମାନେ ଉକ୍ତ ସମୟରେ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ନଯିବାକୁ ଆଜି ମାଛଧରା ବନ୍ଦର ଓ ଷଣ୍ଢକୁଦ ଅଞ୍ଚଳରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରଚାର କରାଯାଇଛି। ଯେଉଁ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟରେ ଅଛନ୍ତି, ସେମାନଙ୍କୁ କୂଳକୁ ଫେରିଆସିବାକୁ ସୂଚନା ଦିଆଯାଇଛି। ଏହି ସତର୍କ ସୂଚନା ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଜାରି କରାଯାଇଛି।

# କମ୍ପାନୀର ମନମୁଖୀ ଦର ନିର୍ଦ୍ଧାରଣ; ଚିଙ୍ଗୁଡି ଚାଷୀ ହତାଶ





**ରାଜକନିକା, ୨୯।୬(ସମିସ):** ପ୍ରାୟ ଦୁଇ ଦଶନ୍ଧି ଧରି ରାଜକନିକା ବ୍ଲକ ନଦୀକୁଲିଆ ଅଞ୍ଚଳର ଜୟନଗର, କୋଇଲିପୁର, ବରାଡ଼ିଆ ପଞ୍ଚାୟତରେ ଲାଭଜନକ ଲୁଣିପାଣି ଚିଙ୍ଗୁଡ଼ି ଚାଷ କରାଯାଉଛି। ସରକାରଙ୍କ ବିଭିନ୍ନ କଟକଣା ଓ ଚାପ ବଳରେ ସନ୍ତୁଳି ହେଉଥିବା ଏହି ଚାଷୀମାନଙ୍କ ମଧ୍ୟରେ ଏବେ ଅମଳ ସମୟରେ ଅଭାବୀ ବିକ୍ରୀ ସମସ୍ୟାର ସମ୍ମୁଖୀନ ହେବା ନେଇ ହତାଶ ସୃଷ୍ଟି କରିଛି। ଏହି ଚାଷ ଉପରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ନିର୍ଭର କରୁଥିବା ଶହ ଶହ ପରିବାର ଚଳିତ ବର୍ଷର ଅମଳ ସମୟରେ ଆଶାନୁରୂପକ ଦର ନ ପାଇ ବାଧ ବାଧକତାରେ କେଜି ପ୍ରତି ୮୦ ରୁ ୧୦୦ ଟଙ୍କା କମ ଦରରେ ବିକ୍ରୀ କରୁଥିବା ଦେଖିବାକୁ ମିଳିଛି। ଅନୁସନ୍ଧାନ ଅନୁଯାୟୀ ଅନ୍ତର୍ଜାତୀୟ ବଜାରରେ ଭେନାମୀ ଚିଙ୍ଗୁଡ଼ିର ଚାହିଦା କମ ରହିବା, ବିଶେଷ କରି ଋଷିଆ ଓ ୟୁକ୍ରେନ ଯୁଦ୍ଧ ପରବର୍ତ୍ତୀ ଅବସ୍ଥାରେ ୟୁରୋପ ମହାଦେଶକୁ ଏହି ଚିଙ୍ଗୁଡ଼ି ରପ୍ତାନୀ ବନ୍ଦ ହେବା ଫଳରେ କମ୍ପାନୀ ମାନେ ଉତ୍ପାଦିତ ଚିଙ୍ଗୁଡ଼ିକୁ ଶାଗ ମାଛ ଦରରେ କିଣିବା ସ୍ଥାନୀୟ ଚାଷୀଙ୍କୁ କ୍ଷତି ପହଞ୍ଚାଇଛି। ହିସାବ ମୁତାବକ ଚାଷ ହେଉଥିବା ଏହି ଚିଙ୍ଗୁଡ଼ିର ଦର ୨୦ ଗ୍ରାମରୁ ଉର୍ଦ୍ଧ୍ୱ ହେଲେ ଏହି ପ୍ରକାର ଚିଙ୍ଗୁଡ଼ିର ଦର ୩୬୦ ଟଙ୍କା ରହିବା ସମୟରେ ଏବେ ତାହା ୨୭୦ ଟଙ୍କା ରହିଛି। ଯାହାକି କିଲୋଗ୍ରାମ ପ୍ରତି ୮୦ ଟଙ୍କାରୁ ଅଧିକ କମ ଦାମ ହେବା ଫଳରେ ଚାଷୀ ମାନଙ୍କର ଖଟାଇଥିବା ମୁଳ ପୁଞ୍ଜି ମଧ୍ୟ ଉଠିବା କଷ୍ଟକର ହୋଇଛି। ତେବେ ଚିଙ୍ଗୁଡ଼ି ଫାର୍ମ ମାନଙ୍କରେ ଷ୍ଟାଫ, ଜାଆଁଳ, ଖାଦ୍ୟ, ଔଷଧ ଆଦି ଯାବତୀୟ ଖର୍ଚ୍ଚ ପରେ ଯଦି ଲାଭ ନ ହେବ, ତେବେ ଏହାକୁ ଭରସା କରି ବଞ୍ଚୁଥିବା ଚାଷୀ କଣ କରିବେ ସେଥିପାଇଁ ଚିନ୍ତାରେ ଅଛନ୍ତି। ବର୍ତ୍ତମାନ ସମୟରେ ଆନ୍ତର୍ଜାତୀୟ ବଜାରର ଚାହିଦା ହରାଇଥିବା ଏହି ଚିଙ୍ଗୁଡ଼ି ଦରକୁ ନିଜ ନିୟନ୍ତ୍ରଣରେ ରଖୁଥିବା କମ୍ପାନୀ ମାନଙ୍କ ମନମୁଖୀ ଦର ଚାଷୀଙ୍କୁ ସର୍ବସ୍ୱାନ୍ତ କରୁଥିବାରୁ ଏହି ଦର ବଢ଼ାଇ ଚାଷୀଙ୍କ ସ୍ୱାର୍ଥ ଦେଖିବାକୁ ରାଜକନିକା ବ୍ଲକର ବହୁ ଚାଷୀ ଦାବୀ କରିଛନ୍ତି।

# ଏରଡ଼ଙ୍ଗ କୋଠବୃତି କାଣୀ ନଦୀ ବନ୍ଧ ରାସ୍ତା କାଦୁଅ ପଚପଚ

**ଗୋବିନ୍ଦପୁର, ୨୯।୬(ସମିସ):** ଜନସାଧାରଣ ସୁବିଧାରେ ଯାତାୟାତ କରିବାକୁ ଗ୍ରାମାଞ୍ଚଳରେ ରାସ୍ତା କାର୍ଯ୍ୟ କରାଯାଉଛି। ଅଥଚ ଆରଡ଼ି ବିଭାଗ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ଦୁର୍ନୀତିଖୋର ମନୋବୃତ୍ତି ଯୋଗୁ ଏକ ରାସ୍ତା ଦୀର୍ଘଦିନ ହେଲା କାର୍ଯ୍ୟ କରାଯାଉନଥିବାରୁ ଲୋକେ ହୀନସ୍ତା ଭୋଗୁଛନ୍ତି। ଏହିପରି ଏକ ରାସ୍ତା ଆଳିବ୍ଲକ ଅନ୍ତର୍ଗତ ଧୋୟା ଅଞ୍ଚଳର ଏରଡଙ୍ଗ କୋଠବୃତି କାଣୀ ନଦୀ ବନ୍ଧ ଆରଡ଼ି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦୀର୍ଘ ୪ ବର୍ଷ ହେଲା ମାଟି ରାସ୍ତା ରହିଥିବାରୁ ଅସରାଏ ବର୍ଷାହେଲେ କାଦୁଅରେ ରାସ୍ତା ଦୟନୀୟ ହୋଇପଡୁଛି। ଫଳରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ବର୍ଷାଦିନେ ରାସ୍ତା ଅତି କଦର୍ଯ୍ୟ ହୋଇଯାଉଛି। ବର୍ଷାଋତୁରେ ଏହି ରାସ୍ତାରେ ଜନସାଧାରଣଙ୍କ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ଲୋକେ ବାରମ୍ବାର ଆରଡ଼ି ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବି କରିଆସୁଥିଲେ ମଧ୍ୟ ଏହା କାର୍ଯ୍ୟକାରୀ କରଯାଉନାହିଁ ଫଳରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ତୁରନ୍ତ ରାସ୍ତା ପିଚୁ କିମ୍ବା କଂକ୍ରିଟ ନ କଲେ ଲୋକେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

**ତିର୍ତ୍ତୋଲ, ୨୯।୬(ସମିସ):** ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁର-ସାରଳାରୋଡ ରାସ୍ତାର ସାରଳାରୋଡ ପିଏଚ ନିକଟରେ ଆଜି ସକାଳ ସମୟରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ଜଣାପଡ଼ିଛି ଯେ, ତେନ୍ତୁଳିପଦା(କୁଳସାହି) ଗ୍ରାମର ଗଣେଶ୍ୱର ଦାସ(୨୬) ଏକ ସାଇକେଲ ଯୋଗେ ସକାଳ ସମୟରେ ଆସୁଥିବାବେଳେ ବିପରୀତ ଦିଗରୁ ଏକ ଟ୍ରାକ୍ଟର ତାଙ୍କ ଉପରେ ଚଢିଯାଇଥିଲା। ଏଥିରେ ଗଣେଶ୍ୱର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ନିକଟସ୍ଥ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଟ୍ରାକ୍ଟରଟି ଧକ୍କା ଦେବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଗଣେଶ୍ୱର ମୂଳ ମଜୁରୀ ଲାଗି ପରିବାର ଚଳାଉଥିବାବେଳେ ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡ଼ିଛି।

# ଭାରତକୁ 'ଟି-୨୦' ଟାଇଟଲ୍ ପାଇଁ ଦୀପଦାନ



ଜଗତସିଂହପୁର, ୨୯।୬(ସମିସ): ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ସୋମନାଥ ମନ୍ଦିର ପ୍ରାଙ୍ଗଣରେ ସମୂହ ଦୀପଦାନ କରାଯାଇଛି। ଆଜି ଭାରତ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-ଟୋଣ୍ଟି ବିଶ୍ୱକପ୍ ଫାଇନାଲ ମ୍ୟାଚ ହେବାକୁ ଯାଉଥିବା ବେଳେ ଭାରତର ସଫଳତା କାମନା କରି ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ସ୍ଥାନୀୟ ହାଟ ବଜାର ସୋମନାଥ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି। ସଂଗଠନର ସଭାପତି ଜଗନ୍ନାଥ ବେହେରାଙ୍କ ସମେତ ଦୈତାରି ଭୋଇ, ସୌମ୍ୟକାନ୍ତ ଦାସ, ଧରଣୀଧର ଦାସ, ସ୍ୱରୁପ ସାହୁ, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ସମନ୍ୱିତ ରୋଗ ସର୍ବେକ୍ଷଣ ସମନ୍ୱୟ ବୈଠକ

# ମଶା ବଂଶ ଦମନ ଓ ସ୍ୱଚ୍ଛ ପାନୀୟଜଳକୁ ଗୁରୁତ୍ୱ

ଜଗତସିଂହପୁର, ୨୯।୬(ସମିସ)



ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଜଗତସିଂପୁର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସମନ୍ୱିତ ରୋଗ ସର୍ବେକ୍ଷଣ (ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା, କୁଷ୍ଠ, ଫାଇଲେରିଆ, ହେପାଟାଇଟିସ ଓ ଟୀକାକରଣ) ଇତ୍ୟାଦିର ସମନ୍ୱୟ ବୈଠକ ଜିଲ୍ଲାପାଳ ଅନୁପମ ସାହାଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧ଜୁଲାଇଠାରୁ ୩୧ ଅଗଷ୍ଟ (୨ମାସ) ଧରି ଏହା ଅନୁଷ୍ଠିତ ହେବ। ଯେଉଁଥିରେ ଆଶାକର୍ମୀମାନେ ଗ୍ରାମୀଣ ଓ ସହରାଞ୍ଚଳରେ ଘରକୁ ଘର ବୁଲି ସର୍ବେକ୍ଷଣ କରିବେ। ସମସ୍ତ ବିଭାଗ ଯଥା ଶିକ୍ଷା, ପୌରାଞ୍ଚଳ ବିଭାଗ, ମହିଳା ଓ ଶିଶୁ ବିଭାଗ, ମିଶନ ଶକ୍ତି, ଜିଲ୍ଲା ମଙ୍ଗଳ ଉନ୍ନୟନ ବିଭାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ସହିତ ସ୍ୱାସ୍ଥ୍ୟ ବିଭାଗୀୟ ସମସ୍ତ ଅଧିକାରୀଙ୍କ ସମନ୍ୱୟରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳ ସବିଶେଷ ଆଲୋଚନା କରି ପରାମର୍ଶ ଦେଇଥିଲେ। ବିଶେଷ ଭାବରେ ଡେଙ୍ଗୁ ସଚେତନତା ଓ ମଶା ବଂଶ ଦମନ ପାଇଁ ପୌରାଞ୍ଚଳରେ ମଶାଧୂଆଁ ପ୍ରୟୋଗ, ମଶା ତେଲ, ନାଳ ନର୍ଦ୍ଦମା ସଫେଇ ଓ ଅଳିଆ ଆବର୍ଜନା ସଫା କରିବା, ରାସ୍ତା କଡ, ପାନୀୟଜଳ ଟ୍ୟାଙ୍କର ଓ ଡ୍ରେନ୍ ପାଖରେ ବ୍ଲିଚିଂ ପକାଇବା କୌଣସି ସ୍ଥାନରେ ପାଣି ଜମିବାକୁ ନଦେବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଗ୍ରାମୀଣସ୍ତରରେ ଗାଁ କଲ୍ୟାଣ ସମିତି ମାଧ୍ୟମରେ ସଫେଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାରେ ପ୍ରତ୍ୟେକ ଘର ଘର ବୁଲି ଆଶାକର୍ମୀମାନେ ଓଆର୍‌ଏସ ଏବଂ ଜିଙ୍କ ବଟିକା ପ୍ରଦାନ କରିବା ସହିତ ଜ୍ୱର, କାଶ କିମ୍ବା ଫାଇଲେରିଆ ରୋଗୀଥିଲେ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ପ୍ରଦାନ କରିବେ। ଗୋଷ୍ଠୀ ସ୍ତରରେ ହାତଧୁଆ କାର୍ଯ୍ୟକ୍ରମ କରିବାକୁ ଆଲୋଚନା କରାଯାଇଥିଲା। ବିଦ୍ୟାଳୟସ୍ତରରେ ପ୍ରତ୍ୟେକ ସୋମବାର ପ୍ରାର୍ଥନା ପରେ ଛାତ୍ରଛାତ୍ରୀମାନେ ସାମୂହିକ ହାତଧୁଆ ପଦ୍ଧତି ଅଭ୍ୟାସ କରିବେ ଓ ସ୍ୱାସ୍ଥ୍ୟ ଭିତ୍ତିକ ବାର୍ତ୍ତା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଦାନ କରିବେ ବୋଲି ବୈଠକରେ ସ୍ଥିର କରାଯାଇଥିଲା।

ଗର୍ଭବତୀ ମହିଳା ଓ ଜନ୍ମରୁ ୫ବର୍ଷ ଶିଶୁ ନେଇ ନଥିବା ଟିକା ପ୍ରଦାନ କରାଯିବ। ଏହା ସହିତ ଯକ୍ଷ୍ମା ଓ କୁଷ୍ଠ ରୋଗର ନିରାକରଣ ପାଇଁ ଆଶାକର୍ମୀମାନଙ୍କ ଦ୍ୱାରା ସର୍ବେକ୍ଷଣ କରାଯାଇ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରାଯିବ। ଗୋଦର ରୋଗୀଙ୍କୁ ଗୋଦର ଅଙ୍ଗର ଯତ୍ନ ଏବଂ ବ୍ୟାୟାମ ପାଇଁ ପରାମର୍ଶ ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଶତ୍ରୁଘ୍ନ ଦାସ, ପ୍ରୋଜେକ୍ଟ ଡାଇରେକ୍ଟର (ଜିଲ୍ଲା ପୌରାଞ୍ଚଳ ଉନ୍ନୟନ ଅଧିକାରୀ) ହେମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ଉନ୍ନୟନ ଅଧିକାରୀ ରବି ନାରାୟଣ ଜେଠୀ, ଜଗତସିଂହପୁର ମୁନିସିପାଲିଟି ନିର୍ବାହୀ ଅଧିକାରୀ, ଅତିରିକ୍ତ ଜିଲ୍ଲା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପ୍ରମୋଦ କୁମାର ବାରିକ୍, ଡିପିଏମ୍ ଚକ୍ରଧର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ମଶାବାହୀତ ରୋଗ ଓ ପରାମର୍ଶଦାତା ଅସିତ୍ ଦାସ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଆଶା ମ୍ୟାନେଜର ଅମିତା ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ୍ ଦେଇଥିଲେ।

# ନୂତନ ନ୍ୟାୟ ସଂହିତା ସମ୍ପର୍କିତ ସଚେତନତା ଶିବିର



**ଜଗତସିଂହପୁର, ୨୯।୬(ସମିସ):** ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆଜି ପରିବର୍ତ୍ତିତ ନୂତନ କ୍ରିମିନାଲ୍ ଆଇନ ସମ୍ପର୍କିତ ସଚେତନତା ଶିବିର ଓକିଲ ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଷ୍ଟେଟ୍ ବାର୍ କାଉନସିଲ୍ ପରାମର୍ଶକ୍ରମେ ଆୟୋଜିତ ଏହି ସଚେତନତା ଶିବିରକୁ ଜଗତ୍‌ସିଂହପୁର ଜିଲ୍ଲା ଓକିଲ ସଂଘ ସଭାପତି ଆଇନଜୀବୀ ରବୀନ୍ଦ୍ରନାଥ ମହାନ୍ତି ଉଦ୍‌ଘାଟନ କରିଥିଲେ। ଆସନ୍ତା ଜୁଲାଇ ୧ରୁ ଲାଗୁ ହେବାକୁ ଯାଉଥିବା ଏହି ଆଇନ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ନାମରେ ନୂତନ ଆଇନକୁ ନାମକରଣ କରାଯାଇଛି। ଅନେକ ପୁରୁଣା ଦଫାକୁ ବାଦ ଦିଆଯାଇଥିବାବେଳେ ଅନେକ ଦଫାରେ ସଂଶୋଧନ ମଧ୍ୟ କରାଯାଇଛି। ଆଜିର ଶିବିରରେ ଆଇନଜୀବୀ ସାରଦା ପ୍ରସାଦ ଦାସ ଓ ଦୀପ୍ତେନ୍ଦୁ ଖଟୁଆ ବିଶେଷଜ୍ଞ ଭାବେ ଯୋଗଦେଇ ଆଇନଜୀବୀମାନଙ୍କୁ ନୂତନ ପରିବର୍ତ୍ତନ ଆଇନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଓକିଲ ସଂଘ ସମ୍ପାଦକ ଆଇନଜୀବୀ ନରେଶ ଦାସ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ସରୋଜ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ରାଉତ, କାର୍ଯ୍ୟକାରିଣୀ ସଦସ୍ୟ ବିଭୁପ୍ରସାଦ ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ।

